ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.261 Bhubaneswar Tuesday, December 07, 2021 | ୨୪ତମ ବର୍ଷ ସଂଖ୍ୟା-୨୬୧ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୦୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଦେଶ ଫେରନ୍ତା ଦେଉଛନ୍ତି ଭୁଲ୍ ଠିକଣା, ୪୦%ଙ୍କ ପତ୍ତା ମିଳୁନି



ଭୁବନେଶ୍ୱର,୬।୧୨(ପି.ଏନ) : ଓମିକ୍ରନକୁ ନେଇ ସମଗ୍ର ଦେଶକୁ ଘାରିଛି ଚିନ୍ତା। ବିଭିନ୍ନ ରାଜ୍ୟରୁ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ଓଡିଶାରେ ଏଯାଏ ଠାବ ହୋଇ ନାହାନ୍ତି ଜଣେ ବି ଆକ୍ରାନ୍ତ । ହେଲେ ରାଜ୍ୟକୁ ଆସିଥିବା ବିଦେଶ ଫେରନ୍ତାଙ୍କ ମଧ୍ୟରୁ ୪୦%ଙ୍କୁ ଠାବ କରାଯାଇପାରୁନି। ସେମାନେ ଦେଇଥିବା ଠିକଣା ଭୁଲ୍ ? ବୋଲି ଜଣାପଡିବା ପରେ ସେମାନଙ୍କୁ ଠାବ କରିବା ସମ୍ଭବ ହେଉନି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏବେ ସୁଦ୍ଧା ଓମିକ୍ରନ ଆକ୍ରାନ୍ତ ରାଷ୍ଟ୍ର ଗୁଡିକରୁ ଓଡ଼ିଶାକୁ ଆସିଛନ୍ତି ୮୦୦ରୁ ଅଧିକ ଯାତ୍ରୀ । ହେଲେ ସେମାନଙ୍କ ମଧ୍ୟରୁ ୪୦%ଙ୍କୁ ଠାବ କରାଯାଇପାରୁନି । ଏହି ବ୍ୟକ୍ତିମାନେ ଏୟାର ସୁବିଧା ପୋର୍ଟାଲରେ ଭୁଲ ଫୋନ ନମ୍ବର ଓ ଭୁଲ ଠିକଣା ଦେଇଥିବା କାରଣରୁ ସେମାନଙ୍କୁ ଠାବ କରିବା ସମ୍ଭବ ହେଉନି । ଅନେକ ଯାତ୍ରୀ ଅନ୍ୟ ରାଜ୍ୟର ଠିକଣା ମଧ୍ୟ ଦେଉଛନ୍ତି । ଏହା ବିଦେଶ ଫେରନ୍ତାଙ୍କ ଟ୍ରେସିଂରେ ସମସ୍ୟା ସୃଷ୍ଟି କରୁଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ଆକ୍ରାନ୍ତ ଫେରନ୍ତା ବ୍ୟକ୍ତି ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିନି ।ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ଓମିକ୍ରନ୍ ? ଭାରିଆଣ୍ଟରେ ଆକ୍ରାନ୍ତ ହୋଇ କାହାର ମୃତ୍ୟୁ ହୋଇଥିବା ଏ ଯାଏ ନଜର ଆସିନି। ହେଲେ ଏହାକୁ ନେଇ ଚିନ୍ତା ଲାଗି ରହିଛି। ଏହା କେତେ କ୍ଷୀପ୍ର ବେଗରେ ଅନ୍ୟଙ୍କୁ ସଂକ୍ରମିତ କରୁଛି। ଏହାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚଓ) ପରୀକ୍ଷା ଚଲାଇଛି। ଆସନ୍ତା ୫ରୁ ୭ ଦିନ ମଧ୍ୟରେ ଏହାକୁ ନେଇ ସ୍ପଷ୍ଟ ଚିତ୍ର ଦେବ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ।ଯେଉଁମାନେ ବିଦେଶରୁ ଫେରୁଛନ୍ତି, ସେମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପୋର୍ଟାଲ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି କେନ୍ଦ୍ର ସରକାର । ଏହାଦ୍ୱାରା ଖୁବ୍ ? ସହଜରେ ସେମାନଙ୍କ ଟ୍ରେସିଂ କରାଯିବ । ତା'ସହିତ କଣ୍ଟାକ୍ଟ ଟ୍ରେସିଂ କରାଯିବ ଓ ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ । ଓମିକ୍ରନକୁ ନେଇ ଭୟ କରିବାର ନାହିଁ। କେବଳ ସତର୍କ ରହିବାର ଅଛି । ଟିକାକରଣକୁ ଜୋରଦାର କରାଯାଉଥିବା କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ।ଅନ୍ୟପକ୍ଷରେ ଭୁବନେଶ୍ୱର ସ୍ଥିତ ଆଇଏଲ୍ଏସ୍ ?ର ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି, ନଭେମ୍ବର ୨୪ ପରେ ରିସ୍କ ଦେଶରୁ ଓଡ଼ିଶା ଆସିଥିବା ଲୋକଙ୍କ ମଧ୍ୟରୁ ୨୪୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ସାମ୍ପଲ ଜିନମ୍ ସିକ୍ୟୁଏନ୍ ?ସିଂ ଆମ ପାଖକୁ ଆସିଛି। ଶୁକ୍ରବାର ସେସବୁର ରିପୋର୍ଟ ଆସିବ।

## ମମିତା ମାମଲାରେ ପଂଚମ ଦିନରେ ବି ବିଧାନସଭା ଅଚଳ

ଭୁବନେଶ୍ୱର, ୬।୧୨(ପି.ଏନ): ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆଜି ପଂଚମ ଦିନରେ ବି ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ଏହି ମାମଲାରେ ହଟ୍ଟଗୋଳ କରିବା ସହ ବିଜେଡି ବିଧାୟକ ମାନେ ପାଇକ ବିଦ୍ରୋହକୁ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ନ ମିଳିବା ପ୍ରସଙ୍ଗରେ ଜୟୀ ରାଜଗୁରୁଙ୍କ ମୁଖା ପିନ୍ଧି ପ୍ରତିବାଦ କରିବା ଦେଖା ଯାଇଥିଲା । ବାଚସ୍ପତି ବାରମ୍ବାର ସେମାନଙ୍କୁ ନିଜ ନିଜ ସ୍ଥାନକୁ ଯିବାକୁ ନିବେଦନ କରି ଥିଲେ ସୁଦ୍ଧା ବିରୋଧୀ ବିଧାୟକ ମାନେ ତାହାକୁ ଶୁଣି ନ ଥିଲେ। ଫଳରେ ବାଚସ୍ପତି ୧୦.୩୩ରୁ ଅପରାହ୍ଣ ୪ଟା ଯାଏ ଗୃହକୁ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକ ରେ ମଧ୍ୟ ସମାନ ଅବସ୍ଥା ଦେଖା ଦେବାକରୁ ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ । ବୈଠକ ପରେ ମଧ୍ୟ ବିରୋଧୀମାନେ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଆଜି ୧୦.୩୦ଟାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଦଳର ବିଧାୟକ ମାନେ ବାଚସ୍ପତି ବସୁଥିବା ସ୍ଥାନ ଆଡକୁ ଯାଇ ସେଠାରେ ପ୍ଲାକାର୍ଡ ଧରି ନାରାବାଜୀ କରିଥିଲେ । ବିଜେପ ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ବାଚସ୍ପତିଙ୍କୁ ଟେବୁଲ ତଳକୁ ଆସି ନାରାବାଜୀ କରିବା ସହ ମମିତା ମେହେର ମାମଲାରେ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ନାଗାଲାଣ୍ଡ ହିଂସା: ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ ଦେଲେ କେନ୍ଦ୍ର ଗୃହମନ୍ତ୍ରୀ



ନୂଆଦିଲ୍ଲୀ,୬।୧୨(ପି.ଏନ): ନାଗାଲାଣ୍ଡରେ ହିଂସାକୁ ନେଇ ଆଜି ସଂସଦରେ ତାତି ଦେଖିବାକୁ ମିଳିଥିଲା। ଏହି ପ୍ରସଙ୍ଗରେ ବିରୋଧୀ ହୋହଲ୍ଲା କରିଥିଲେ। ତେବେ ଘଟଣାରେ ଗୃହମନ୍ତ୍ରୀ ଅମିତ ଶାହ ବୟାନ ରଖିଥିଲେ। ନାଗାଲାଣ୍ଡରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୧୪ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ନେଇ କେନ୍ଦ୍ର ସରକାର ଗଭୀର ଦୁଃଖିତ ବୋଲି ଅମିତ ଶାହ କହିଛନ୍ତି । ଏହି ପ୍ରସଙ୍ଗରେ ବରିଷ୍ଠ ମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରିଛନ୍ତି। ଏହି ଘଟଣାରେ ଏସଆଇଟି ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩୦ ଦିନ ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି। ତେବେ ଏଭଳି ନାରକୀୟ ଘଟଣାର ଯେମିତି ପୁନରାବୃତି ନହୁଏ ଏଥିପ୍ରତି ପ୍ରତି ସୁବୁ ସୁରକ୍ଷା ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଥିବା ଅମିତ୍ ଶାହ କହିଛନ୍ତି। ଆଜି ନାଗାଲାଣ୍ଡ ହିଂସା ଘଟଣାରେ ତଦନ୍ତ କରି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ବିରୋଧୀ ଦାବି କରିଥିଲେ।
ପୀଡତିଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବରକୁ ବିରୋଧୀ ଦଳ ଦାବି କରିଛନ୍ତି। ଘଟଣାରେ ବିରୋଧୀ ଦଳ ନେତା ତଥା କଂଗ୍ରେସର ମଲ୍ଲିକାର୍ଜୁନ ଖାଡଗେ ରାଜ୍ୟ ସଭାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ସଦସ୍ୟମାନଙ୍କୁ ଶାନ୍ତି ବଜାୟ ପାଇଁ ଅନୁରୋଧ କରିବା ସହ ଗୃହକୁ ରାଜ୍ୟସଭା ଅଧ୍ୟକ୍ଷ ମୁଲତବୀ ରଖିଥିଲେ। ସୂଚନା ଅନୁଯାୟୀ, ନାଗାଲାଣ୍ଡର ମୋନ୍ ଜିଲ୍ଲାରେ ଶନିବାର ରାତିରେ ଭାରତୀୟ ସେନାର ଉଗ୍ରବାଦ-ବିରୋଧୀ ଅପରେସନ ବେଳେ ସଂପୃକ୍ତ ଅଞ୍ଚଳରେ ଭୟାନକ ପରିସ୍ଥିତି ସୃଷ୍ଟି ହୋଇ ହୋଇଥିଲେ ।ଆସାମ ରାଇଫଲ ସେନାର ଗୁଳିମାଡରେ ୧୪ ଜଣ ଗ୍ରାମବାସୀଙ୍କର ମୃତ୍ୟୁ ଘଟିଥିଲା । ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ସଂପୃକ୍ତ ଅଞ୍ଚଳର ଲୋକେ ସୁରକ୍ଷା ବାହିନୀ ଉପରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ସୁରକ୍ଷା ଯବାନ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀ ଭାବି ସେନା ପକ୍ଷରୁ ଗୁଳି ଚଳାଯାଇଥିଲା। ଏଥିରେ ସେନା ଦୁଃଖ ପ୍ରକାଶ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଘୋଷଣା କରିଛି। ଶନିବାର ରାତିରେ ଭାରତ-ମ୍ୟାନମାର୍ ସୀମାରେ ଉଗ୍ରପନ୍ଥୀ କାର୍ଯ୍ୟକଳାପ ସଂପର୍କରେ ଗୁଇନ୍ଦା ସୂଚନା ମିଳିବା ପରେ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଲାଗି ଯୋଜନା କରାଯାଇଥିଲା। ସୁରକ୍ଷା ବାହିନୀ ଓଟିଂ ଗାଁ ନିକଟରେ ଛପି ରହିଥିଲେ। ଉଗ୍ରବାଦୀଙ୍କ ଗାଡି ଭାବି ସେମାନେ ଟିରୁ-ଓଟିଂ ରାସ୍ତାରେ ଆସୁଥିବା ଏକ ଟ୍ରକ୍ ଉପରକୁ ଗୁଳି ଚଳାଇଥିଲେ। କିନ୍ତୁ ଏହି ଗାଡିରେ ଗ୍ରାମବାସୀମାନେ ଆସୁଥିଲେ।

### ୨୪୬ ପଜିଟିଭ୍ ବିଦେଶ ଫେରନ୍ତାଙ୍କର ହେବ ଜିନମ ସିକ୍ୱେନ୍ସିଂ

ଭୁବନେଶ୍ୱର ,୬।୧୨(ପି.ଏନ): ନଭେମ୍ବର ୨୪ ତାରିଖ ପରେ ଓମିକ୍ରନ ଆକ୍ରାନ୍ତ ରାଷ୍ଟ୍ରରୁ ଫେରିଥିବା ୨୪୬ ଜଣ ପଜିଟିଭ ଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରେ କିଏ ଓମିକ୍ରନ ଆକ୍ରାନ୍ତ ଅଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇପାରି ନାହିଁ। ସମସ୍ତଙ୍କ ନମୁନା ଜିନମ ସିକ୍ୱେନ୍ସିଂ ପାଇଁ ଆଇଏଲଏସକୁ ଆସିଛି। ଏହି ଆକ୍ରାନ୍ତଙ୍କ ନମୁନା ଜିନମ ସିକ୍ୟୁଏନସିଂ ହେବା ପରେ ଆସନ୍ତା ଶୁକ୍ରବାର ଆସିଯିବ ରିପୋର୍ଟ। ଏହାପରେ ରାଜ୍ୟରେ କେହି ଓମିକ୍ରନ ଆକ୍ରାନ୍ତ ପ୍ରବେଶ କରିଛନ୍ତି ନା ନାହିଁ ତାହା ସ୍ପଷ୍ଟ ହୋଇଯିବ। ଏନେଇ ଆଇଏଲଏସ୍ ନିର୍ଦ୍ଦେଶକ ଅଜୟ ପରିଡ଼ା ସୂଚନା ଦେଇଛନ୍ତି।

## ଗୋଟିଏ ଦିନରେ ୧୦୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୦୩୫୪କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୯ ହଜାର ୬୭୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୨୦୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୫ ଜଣଙ୍କ ମଧ୍ୟରୁ ୬୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୪୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ୩, ବାଲେଶ୍ୱର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୨ ଜଣ, ଭଦ୍ରକ ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଢେଙ୍କାନାଳ ଓ ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳରୁ ୧, କେନ୍ଦ୍ରାପଡ଼ାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଓ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଦୈନିକ 'ପର୍ଯ୍ୟବେକ୍ଷକ'ର ଚତୁର୍ଥ ସାମ୍ବାଦିକ ମାସିକ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ




ଭୁବନେଶ୍ୱର,୬।୧୨(ପି.ଏନ): ଦୈନିକ 'ପର୍ଯ୍ୟବେକ୍ଷକ'ର ଚତୁର୍ଥ ସାମ୍ବାଦିକ ମାସିକ ଭେଟ୍‌ଘାଟ କାର୍ଯ୍ୟକ୍ରମ ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ରମୋହନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଗୁଗୁଲମିଟ୍ ଜରିଆରେ ଅନୁଷ୍ଠିତ ହୋଇଯାଇଅଛି। କୋଭିଡ଼ର ପରବର୍ତ୍ତୀ ଅବସ୍ଥାରେ ସାମ୍ବାଦିକମାନେ ଖବର ସଂଗ୍ରହ ବେଳେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟ ସମ୍ପାଦକ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ 'ପର୍ଯ୍ୟବେକ୍ଷକ'କୁ ପୁନଃ ଓଡ଼ିଶାର ସମସ୍ତ ଅଞ୍ଚଳ ତଥା ଓଡ଼ିଶା ବାହାରେ ଥିବା ଓଡ଼ିଆମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରସାରଣ ବିଭାଗକୁ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ମଧ ଦେଇଛନ୍ତି। ସାଧାରଣ ଲୋକଙ୍କ ଦୈନନ୍ଦିନ ସମସ୍ୟା, ସୁବିଧା ଅସୁବିଧାକୁ ସରକାରଙ୍କ ପାଖରେ ପହଞ୍ଚାଇବା ଏବଂ ସରକାରଙ୍କର ବିଭିନ୍ନ ଜନହିତକର କାର୍ଯ୍ୟ ବିଷୟରେ ଲୋକଙ୍କୁ ଅବଗତ କରାଇବାର ପ୍ରଚେଷ୍ଟା ଅନବରତ ଭାବେ ଦୀର୍ଘ ଦଶନ୍ଧି ଦଶନ୍ଧି ଧରି କରି ଆସୁଅଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ତଥା ଓଡ଼ିଶା ବାହାରେ କାର୍ଯ୍ୟରତ ସାମ୍ବାଦିକ ସେମାନଙ୍କର ସମସ୍ୟା ବିଷୟରେ ସମ୍ବାଦକଙ୍କୁ ଅବଗତ କରାଇଥିଲେ। ଶ୍ରୀ ସୁବ୍ରତ ସାହୁ ସିଷ୍ଟମ ପ୍ରଭାରି, ଡିଜିଟାଲ ସଂଯୋଜକ ବିଭୂ ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ସ୍ୱାଇଁ, ଦିଲ୍ଲୀପ ମିଶ୍ର, ଜ୍ଞାନ ରଞ୍ଜନ ରାଉତ, ପ୍ରଶାନ୍ତ ମହାନ୍ତି, ଶୁଭେନ୍ଦୁ କାନନୁଗୋ, ଯୋଗେଶ୍ୱର ପଣ୍ଡା, ଭାଗୀରଥି ସ୍ୱାଇଁ, ମାନସ ସେଠୀ ତଥା ଅନ୍ୟାନ୍ୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

## ମାଟି ହିଁ ଚାଷର ଏନ୍ତୁଡ଼ିଶାଳ : ଡ଼ ଅରୁଣ କୁମାର ସାହୁ

### ଶ୍ୟାମଳ ସୁବର୍ଣ୍ଣ ତରଫରୁ ବିଶ୍ୱ ମୃତ୍ତିକା ଦିବସରେ ୱେବିନାର




ଭୁବନେଶ୍ୱର,୬।୧୨(ପି.ଏନ): ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର କୃଷି ଭିତ୍ତିକ ପତ୍ରିକା ମଧ୍ୟରେ ଏକ ଅଗ୍ରଣୀ ନାମ। ୨୦୧୮ ମସିହାରୁ କୃଷି ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଭଦ୍ରକରୁ ପ୍ରକାଶିତ ଏ ପତ୍ରିକା ସାରା ଓଡ଼ିଶାର ଚାଷୀକୁଳ ପାଖରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଭିନ୍ନ କୃଷି ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ୱେବିନାର ମାଧ୍ୟମରେ କରିଆସୁଛି ଶ୍ୟାମଳ ସୁବର୍ଣ୍ଣ। ତେବେ ଚଳିତ ବର୍ଷ ବିଶ୍ୱ ମୃତ୍ତିକା ଦିବସ ଡ଼ିସେମ୍ବର ୫ ଅବସରରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ଓଡ଼ିଶାର କୃଷି ,ମତ୍ସ୍ୟ ପଶୁସମ୍ପଦ ବିକାଶ ତଥା ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଡ଼ ଅରୁଣ କୁମାର ସାହୁ ଯୋଗ ଦେଇ ଚାଷ ଓ ମାଟିର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ମୃତ୍ତିକାର ଲବଣାକ୍ତ ନୁହେଁ ବରଂ ଉତ୍ପାଦକତା ବଢ଼ାଇବାକୁ ଚାଷୀଭାଇମାନଙ୍କୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବରେ ଭାରତୀୟ ପାଣିପାଗ ଗବେଷଣା କେନ୍ଦ୍ରର ଡ଼ିଜି ଡ଼ ମୃତ୍ୟୁଂଜୟ ମହାପାତ୍ର ଯୋଗଦେଇ ମୃତ୍ତିକାର ଉପାଦେୟତା ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବରେ ଓୟୁଏଟିର କୁଳପତି ଡ଼ ପବନ କୁମାର ଅଗ୍ରୱାଲ , ବରିଷ୍ଠ ମୃତ୍ତିକା ବିଜ୍ଞାନୀ ତଥା ଓୟୁଏଟିର ଅଧ୍ୟକ୍ଷ ଡ଼ କୁମ୍ଭକର୍ଣ୍ଣ ରାଉତ, ଓୟୁଏଟିର ଅବସରପ୍ରାପ୍ତ ପ୍ରାଧାପକ ତଥା ସୋଆର ମୃତ୍ତିକା ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ଼ ବିଜୟ କୁମାର ପାଣି , ସେଂଚୁରିୟନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଦେବେନ୍ଦ୍ର ରେଡ଼ି , ପର୍ଯ୍ୟବେକ୍ଷକ ଓ କଳିଙ୍ଗକ୍ରୋନିକଲର ସମ୍ପାଦକ ଡ଼ ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଶ୍ୟାମଳ ସୁବର୍ଣ୍ଣର ସମ୍ପାଦକ ଡ଼ି ଶୁଭମ ପତ୍ରିକାର ବିକାଶ ତଥା ମୃତ୍ତିକା ଦିବସର ଅନୁଚିନ୍ତା ବିଷୟରେ କହିଥିଲେ। ଅନେକ ସମାଲୋଚନାକୁ କାତିର ନକରି ନିରନ୍ତର ଭାବରେ ଏହା ପ୍ରକାଶନ ଜାରି ରହିବ ବୋଲି ସମ୍ପାଦକ କହିଥିଲେ। ଶ୍ୟାମଳ ସୁବର୍ଣ୍ଣ କାହା ସହ ସାଲିସ ନୁହେଁ ବରଂ ଚାଷୀକୁଳ ପାଇ ସମର୍ପିତ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପତ୍ରିକାର ସଦସ୍ୟା ଶୁଭଶ୍ରୀ ସାହୁ ଓ ମନ୍ଦିରା ପ୍ରଧାନ ସଂଯାଜନା କରିଥିବା ବେଳେ ବିଜ୍ଞାନ ମିହିର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ କରାଯାଇଥିବା ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଗୁଣୁପୁର କୃଷି ମହାବିଦ୍ୟାଳୟର ବିଜେତା ମିଶ୍ର ପ୍ରଥମ , ଗୁଣୁପୁର କୃଷି ମହାବିଦ୍ୟାଳୟର ସୋନାଲି ପରିଡ଼ା ଦ୍ୱିତୀୟ ଓ ତୃତୀୟ ଯୁଗ୍ମ ଭାବେ ସେଂଚୁରିଆନ ବିଶ୍ୱବିଦ୍ୟାଳୟର ଅମିତାଭ ବନ୍ଦୋପାଧ୍ୟାୟ ଓ ଭୁବନେଶ୍ୱରର ଯଦୁନନ୍ଦନ ପଣ୍ଡା ହୋଇଛନ୍ତି।

## ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଂଟ ଘୋଡାଉଛନ୍ତି ମୁଖ୍ୟମନ୍ତ୍ରୀ: ସମୀର ମହାନ୍ତି

ଭୁବନେଶ୍ୱର ,୬।୧୨(ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଳେଙ୍କାରୀରେ ସମ୍ପୃକ୍ତ ଥିବା ଆଇନ ଓ ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଂଟ ଘୋଡାଉଛନ୍ତି ମୁଖ୍ୟମନ୍ତ୍ରୀ। ଗରିବ ଲୋକଙ୍କ ପାଇଁ ଲଢେଇ କରୁଥିବା ପାର୍ଟିର ଦୁଇ ଜଣ କାର୍ଯ୍ୟକର୍ତ୍ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟା ଘଟଣାରେ ସିଧା ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ମୁଖ୍ୟମନ୍ତ୍ରୀ ସବୁ ଜାଣିଶୁଣି ତାଙ୍କୁ ବିଧାନସଭାକୁ ଆସିବାକୁ ଦେଉଛନ୍ତି ଏବଂ ସଭା ମଂଚରେ ପାଖରେ ବସାଇ ଦକ୍ଷ ମନ୍ତ୍ରୀ ବୋଲି ସାର୍ଟିଫିକେଟ୍ ଦେଉଛନ୍ତି। ମହାଙ୍ଗା ଡବଲ ମର୍ଡର ଘଟଣାରେ ମାହାଙ୍ଗା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ନିହାର ରଞ୍ଜନ ମହାନ୍ତି ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ପରୋକ୍ଷ ଭାବରେ ସେ ସରକାର ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ପୃଷ୍ଠପୋଷକତାରେ କାମ କରୁଥିବା ପ୍ରମାଣ କରିଦେଇଛନ୍ତି। ଟେଲି ଯୋଗାଯୋଗ ନିୟମ ଅନୁସାରେ ୧ବର୍ଷ ଭିତରେ ଫୋନ୍ କଲ୍ ତଥ୍ୟ (ସିଡିଆର) ସଂରକ୍ଷଣ କରିନରଖିଲେ ତାହା ସବୁ ଡିଲିଟ୍ ହୋଇଯିବ। ତେଣୁ ଥାନା ଅଧିକାରୀ ଡିସେମ୍ବର ୨୦, ୨୦୨୦ରୁ କୋର୍ଟକୁ ମାଗିଥିଲେ। ଏହି ସବୁ ତଥ୍ୟ ପ୍ରମାଣିତ କରୁଛି ମାହାଙ୍ଗା ଆଇଆଇସି ପ୍ରତାପ ଜେନାଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି। ସେ ଘଟଣାରେ ତତ୍ପରତା ନଦେଖାଇବା ଏବଂ ମାନ୍ୟବର ଅଦାଲତଙ୍କୁ ବାରମ୍ବାର ଅଧିକ ସମୟ ମାଗିବାର ଆଳ ଦେଖାଇ କେସ୍‌କୁ ରଫାଦଫା କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।ମମିତା ମେହେର ମାମଲାରେ ଗୋଟେ କଥା କହୁଛ, ମାହାଙ୍ଗା ମର୍ଡର କେସ୍‌ରେ କୋର୍ଟ କହିବା ପରେ ବି ଗଳା ବାଟ ଦେଖୁଛ। କୋର୍ଟକୁ ତଥ୍ୟ ଦେଉନ ମାନେ - ମନ୍ଦିର ଭିତରେ କିଏ ନା ମୁଁ କଦଳୀ ଖାଇନାହିଁ ସଦୃଶ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଓ ରାଜ୍ୟ ମୁଖପାତ୍ର ଠାକୁର୍ ରଞ୍ଜିତ୍ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ଗୃହ ଚଳାଇ ଦେଉନାହିଁ : ବିଜେଡି

ଭୁବନେଶ୍ୱର ,୬।୧୨(ପି.ଏନ): କଂଗ୍ରେସ ଗୃହ ଚଳାଇବାକୁ ରାଜି ଅଛି ବୋଲି ନରସିଂହ ମିଶ୍ର କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସାରା ଓଡିଶା ଦେଖୁଛି କଂଗ୍ରେସ କିଭଳି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ଏବଂ ଗୃହ ଚାଲିବାକୁ ଦେଉନାହିଁ ବୋଲି କହିଛନ୍ତି ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକ ।ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ କହିଛନ୍ତି ଯେ ଓଡ଼ିଶା ବିଧାନସଭା ଅଧିବେଶନର ପ୍ରଥମ ଦିନରୁ କଂଗ୍ରେସ ବିଧାୟକମାନେ ବିଧାନସଭାରେ ବିଧାୟକଙ୍କୁ ପୂରାଇ ନଦେବାକୁ ଚେଷ୍ଟା କରିଥିଲେ। କଂଗ୍ରେସ ବିଧାୟକମାନେ ବିଜେପି ବିଧାୟକଙ୍କ ସହିତ ମିଶି ଓଡ଼ିଶା ବିଧାନସଭାକୁ ଚଳାଇବାକୁ ଦେଉନାହାନ୍ତି । ରାଜ୍ୟ ସରକାର ଜଣେ କାର୍ଯ୍ୟରତ ବିଚାରପତି କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ମାଧ୍ୟମରେ ତଦନ୍ତ କରିବାକୁ ଓଡିଶା ହାଇକୋର୍ଟଙ୍କୁ ପତ୍ର ଲେଖିଥିଲେ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ୍ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ଦୋଷୀ ଖସିଯିବାର ବାଟ ତିଆରି କରୁଛି ପୋଲିସ

ଭୁବନେଶ୍ୱର (ପିଏନ୍)- ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ପୋଲିସ ଉପଯୁକ୍ତ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ପରିବର୍ତେ ସେହି ଘଟଣାରେ ସଂଶ୍ଲିଷ୍ଟ ଓ ପୃଷ୍ଠପୋଷକ ମାନଙ୍କୁ ଖସେଇ ଦେବାପାଇଁ ଷଡଯନ୍ତ୍ର କରୁଛି। ପୋଲିସର ତଦନ୍ତ ନିରପେକ୍ଷ ନୁହେଁ। ସେଥିପାଇଁ ହାଇକୋର୍ଟ ବିଚାରପତିଙ୍କ ତତ୍ୱାବଧାନରେ ଏସଆଇଟି ତଦନ୍ତ ଦାବି ସହ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ବହିଷ୍କାର ଦାବି କରାଯାଉଛି। ସରକାର ଯଦି ନ ଶୁର୍ଣି ତାହେଲେ ଦଳ ତରଫରୁ ଓଡ଼ିଶାର ହାଇକୋର୍ଟର ମାମଲା ଦାୟର କରାଯିବ ଓ ଓଡ଼ିଶା ହାଇକୋର୍ଟରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଏହି ମାମଲା ଦାୟର କରିବେ ବୋଲି ସୂଚନା ଦେଇଛନ୍ତି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ



କୁମାର ମହାପାତ୍ର। କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ, ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ପୋଲିସ୍ ଠିକ ତଦ୍‌ଂ କରୁନାହିଁ। ଯେଉଁ ତଥ୍ୟ ପ୍ରମାଣ ସଂଗ୍ରହ କରି କୋର୍ଟରେ ଦାଖଲ କରିଛି ତାହା ପରସ୍ପର ବିରୋଧି। ଯେଉଁଥିପାଇଁ ଘଟଣାର ହତ୍ୟାକାରୀ ଖସିଯାଇ ପାରେ। ପୁନଶ୍ଚ ଘଟଣା ପଛରେ ଲୁଚି ରହିଥିବା ସେକ୍ସ ରାକେଟ ଓ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ ଉପରେ ପୋଲିସ ତଦ୍‌ଂ କରୁନାହିଁ। ତେଣୁ ମମିତା ମେହେରକୁ ନ୍ୟାୟ ମିଳିବ ନା ନାହିଁ ତାହା ସନ୍ଦେହରେ। ଗୃହ ରାଷ୍ଟ୍ରମନ୍ତ୍ରୀ ୨୦୧୪ ରେ ନିର୍ବାଚନ ଲଢ଼ିଲାବେଳେ ସତ୍ୟପାଠ ମାଧ୍ୟମରେ କହିଥିଲେ ତାଙ୍କର ସଂପତି ପରିମାଣ ଦୁଇକୋଟି। ୨୦୧୯ ରେ ସେ ଦର୍ଶାଇଲେ ୮ କୋଟି କିଁ ଆମପାଖରେ ଥିବା ତଥ୍ୟ କହୁଛି ମନ୍ତ୍ରୀ ୭୫ କୋଟି ଟଙ୍କାର ମାଲିକ। ଗୋପାଳପୁର ବିଧାୟକଙ୍କୁ ଜନବିରୋଧି କହି ତାଙ୍କର ବିରୋଧରେ ମାମଲା ପାଇଁ ଲୋକାୟୁକ୍ତଙ୍କୁ ଦିଆଯାଇଥିଲା। ଏ କ୍ଷେତ୍ରରେ ଏହିବ୍ୟକ୍ତି ଜଣଙ୍କ ଏତେ ଅଳ୍ପ ସମୟ ମଧ୍ୟରେ ଏତେ ଅମାପ ସଂପତିର ଅଧିକାରୀ କିପରି ହେଲେ ତାହାର ତଦ୍‌ଂ ଲୋକାୟୁକ୍ତ ମାଧ୍ୟମରେ କରାଯିବକି? ମାନ୍ୟବର ମୁଖ୍ୟମନ୍ତ୍ରୀ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସଂପତି ସଂପର୍କରେ ଇଡି ସ୍ତରୀୟ ତଦ୍‌ଂ ପାଇଁ ସୁପାରିଶ୍ କରିବେକି?

ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ତାଙ୍କର ସଂପର୍କୀୟ ପ୍ରାୟ ୨୦୦ ଦଳିତ ପରିବାରର ଜମିକୁ ନିଜର ରାଜନୈତିକ ପ୍ରଭାବ ଓ ପତିଆରା ମାଧ୍ୟମରେ ସରକାରୀ ପରିମିଶନ କରି ଶାଗମାଛ ମୂଲରେ କିଣି ନେଇଛନ୍ତି, ବସ୍ତୁତ କଳାହାଣ୍ଡିରେ ଏହି ମନ୍ତ୍ରୀଙ୍କର ଛତ୍ରଛାୟାରେ ଏକ ବିରାଟ ଜମି ହଡ଼ପ ରାକେଟ କାର୍ଯ୍ୟ କରୁଛି। ରାଜ୍ୟ ସରକାର ସ୍ୱତନ୍ତ୍ର ଏହାର ତଦ୍‌ଂ କରି ଓଡିଶା ଭୁସଂସ୍କାର ଆଇନ ଅନୁଯାୟୀ ସେହି ଜମି ଗୁଡ଼ିକୁ ସଂପୃକ୍ତ ସେହି ଦଳିତ ପରିବାରମାନଙ୍କୁ ଫେରାଇ ଦିଆଯିବା ପାଇଁ ନିର୍ଦ୍ଦେଶ ଦେବେକି?

୨୦୧୭ ମସିହାରେ କେନ୍ଦ୍ରପଡ଼ାର ତତ୍‌କାଳୀନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମାହାଙ୍ଗା ଅଂଚଳରେ ଅଣ୍ଡା ଓ ପଥର ମାଧ୍ୟମରେ ଆକ୍ରମଣ କରାଯାଇଥିଲା ଓ ସେଥିପାଇଁ ମାହାଙ୍ଗା ବିଧାୟକଙ୍କୁ ଦାୟୀ କରାଯାଇଥିଲା। ଯଦି ପୋଲିସ୍ ତଦନ୍ତ କରେ ଘଟଣାର ପୃଷ୍ଠପୋଷକଙ୍କୁ ଜେଲରେ ପୁରେଇ ଦେଇଥାନ୍ତେ, ତାହାହେଲେ ମାହାଙ୍ଗାର ଡବଲମର୍ଡର ଓ ପରବର୍ତୀ ପର୍ଯ୍ୟାୟରେ ଆଉ ଗୋଟିଏ ହତ୍ୟାକାଣ୍ଡ ଘଟି ନଥାନ୍ତା। କୋର୍ଟ ନିର୍ଦ୍ଦେଶ ସତ୍ୱେ ଆଇନ ମନ୍ତ୍ରୀଙ୍କର ସଂପୃକ୍ତି ସଂପର୍କରେ ତଦନ୍ତ କରିବାକୁ ପୋଲିସ ପଛଘୁଂଚା ଦେଉଛି ଓ ସମୟ ଗଡ଼େଇ ଚାଲିଛି। ଓଡ଼ିଶା ବିଧାନସଭା ସାମନାରେ ଆମ୍ଦାହ ଉଦ୍ୟମ କରି ଝିଅ ପାଇଁ ନ୍ୟାୟ ମାଗିଥିବା ପରିର ପିତାମାତାଙ୍କର ଲହୁ ମଧ ଶୁଖିନାହିଁ। ତାଙ୍କର ନିର୍ଦ୍ଦିଷ୍ଟ ଅଭିଯୋଗ ତାଙ୍କ ଝିଅର ହତ୍ୟାକାରୀ ଓ ତାର ସୁରକ୍ଷା ଦାତା ଏବେ ମଧ ବାହାରେ ବୁଲୁଛନ୍ତି ଓ ସେମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଡ଼କୁ ଅଙ୍ଗଳି ନିର୍ଦ୍ଦେଶ କରୁଛନ୍ତି। ମିଥ୍ୟ ସତ୍ୟପାଠ ମାଧ୍ୟମରେ ଜମି ହାତେଇବା ଓ ପରେ ତାରାଦତ କମିଶନ ରିପୋର୍ଟ ପରିପ୍ରେକ୍ଷୀରେ ଜମି ଫେରାଇଥିଲେ ଜଙ୍ଗଲମନ୍ତ୍ରୀ। କିଁ ମିଥ୍ୟା ସତ୍ୟପାଠ ପାଇଁ ମାମଲା ରୁଜୁ ହୋଇନାହିଁ। ଚୋରି ଜିନିଷ ଫେରାଇଲେ କ'ଣ ମୋକଦ୍ଦମା ହୁଏ ନାହିଁ କି?

ଉପବାଚସ୍ପତି ପଦ ଦଳରୁ ଉର୍ଦ୍ଧ୍ୱରେ। କିନ୍ତୁ ମାନ୍ୟବର ଉପବାଚସ୍ପତି ଏକ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୪.୫ କୋଟି ଓଡ଼ିଆଙ୍କ ଠାକୁର ବୋଲି କହିଥିଲେ। ସମସ୍ତେ ଜାଣନ୍ତି ଯେ ୪.୫ କୋଟି ଓଡ଼ିଆଙ୍କ ଠାକୁର ପ୍ରଭୁ ଜଗନ୍ନାଥ। ଏଭଳି ଭୁଲ କରି ମାନ୍ୟବର ଉପବାଚସ୍ପତି ପ୍ରଭୁ ସ୍ୱୟଂ ଜଗନ୍ନାଥ, ୪.୫ କୋଟି ଓଡ଼ିଆଙ୍କର ସମ୍ମାନ, ସ୍ୱାଭିମାନ ଓ ପରମ୍ପରାକୁ ଅସମ୍ମାନ କରିଛନ୍ତି। କଂଗ୍ରେସଦଳ ମାନ୍ୟବର ଉପବାଚସ୍ପତିଙ୍କୁ ଅପିଲ କରୁଛି ଯେ ସେତାଙ୍କର ଅନ୍ତରାତ୍ମାକୁ ପଚାରନ୍ତୁ ଯେ ସେ ଭୁଲ କରିଛନ୍ତି କି ନାହିଁ? ଏବଂ ୪.୫ କୋଟି ଓଡ଼ିଆ ଓ ସ୍ୱୟ ଜଗନ୍ନାଥଙ୍କୁ ନିଃସର୍ତ କ୍ଷମା ପ୍ରାଥାନ କରିବାକୁ ଆମେ ଅନୁରୋଧ କରୁଛୁ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରନ ଦାଶ, ପ୍ରଦେଶ କଂଗ୍ରେସ ଲିଗାଲ ସେଲ ଅଧକ୍ଷ ସୁରେନ୍ଦ୍ର ନାଥ କର ଓ କଳାହାଣ୍ଡି ଜିଲ୍ଲା କଂଗ୍ରେସ ଲିଗାଲ ସେଲ ଅଧକ୍ଷ ପ୍ରକାଶ ହରପାଲ ଉପସ୍ଥିତ ଥିଲେ।

## ବାହାଘର ଡିଜେ ଶବ୍ଦରେ ମରିଗଲେ ୬୩ରୁ ଉର୍ଦ୍ଧ କୁକୁଡ଼ା

ବାଲେଶ୍ୱର (ପିଏନ୍)- ବର ଓ ବରଯାତ୍ରୀ ବିବାହ ଶୋଭାଯାତ୍ରାରେ ଆସୁଥିବା ବେଳେ ଡିଜେର ବିକଟାଳ ଶବ୍ଦରେ ଜଣେ ବ୍ୟକ୍ତିଙ୍କ ଫାର୍ମରୁ ୬୩ରୁ ଉର୍ଦ୍ଧ କୁକୁଡ଼ାଙ୍କ ମୃତ୍ୟୁ ହୋଇଯାଇଛି। କୁକୁଡ଼ା ମରିବା ଘଟଣାରେ ପ୍ରାଣି ଚିକିତ୍ସା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ନୀଳଗିରି ଥାନା ଅଧିନ କାଣ୍ଡଗରଡ଼ି ଗାଁର ରାମଚନ୍ଦ୍ର ପରିଡ଼ାଙ୍କ କନ୍ୟା ବିବାହ ରାତିରେ ସିମୁଳିଆ ଥାନା ମଇତାପୁର ଅଞ୍ଚଳରୁ ଆସିଥିବା ବରଯାତ୍ରୀ ଜୋରରେ ଡିଜେ ବଜାଇ ନାଚ ଗୀତରେ ମସଗୁଲ ରହିଥିବା ଯୋଗୁ ସେହି ଗାଁର ରଞ୍ଜିତ ପରିଡ଼ାଙ୍କ ଫାର୍ମରେ ୬୩ଟି କୁକୁଡ଼ା ମରିଯାଇଥିଲେ ଏବଂ କିଛି କୁକୁଡ଼ା ନିସ୍ତେଜ ଅବସ୍ଥାରେ ଥିଲେ। ଫାର୍ମ ଭିତରେ ୨ ହଜାର କୁକୁଡ଼ା ରହିଥିବା ବେଳେ ଡିଜେ ଶବ୍ଦରେ କୁକୁଡ଼ାମାନେ ଭୟଭୀତ ହୋଇ ଏପଟ ସେପଟ ଉଡ଼ିବାରୁ ଧକ୍କା ଲାଗି ୬୩ଟି କୁକୁଡ଼ା ମରିଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସମ୍ପୃକ୍ତ ଫାର୍ମ ମାଲିକ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ଘଟଣାରେ ବାଲେଶ୍ୱରରୁ ପ୍ରାଣୀ ଚିକିତ୍ସା ବିଭାଗ ଅଧିକାରୀ କାଣ୍ଡଗରଡ଼ି ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଡେପୁଟି ସିଡିଭିଓ ଡା. ଶିବ ପ୍ରସାଦ ଦାସଙ୍କ ସମେତ ତିନିଜଣିଆ ଦଳ ପୋତା ଯାଇଥିବା ମୃତ କୁକୁଡ଼ାମାନଙ୍କୁ ମାଟି ଖୋଳି ଉଦ୍ଧାର କରିଥିଲେ। ସେମାନଙ୍କ ରକ୍ତ ନମୁନା ମଧ ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଇଥିଲେ। ତଥ୍ୟ ଆସିବା ପରେ ବର ଓ କନ୍ୟା ପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସେପଟେ ଥାନାରେ ସମ୍ପୃକ୍ତ କୁକୁଡ଼ା ଫାର୍ମ ମାଲିକ ଏତେଲା ଦେଇଥିଲେ ହେଁ ପରବର୍ତ୍ତୀ ସମୟରେ ଆପୋଷ ମିଳାମିଶା ହୋଇଯାଇଥିବାର ସୂଚନା ମିଳିଛି।

## ଜିଲ୍ଲା କଂଗ୍ରେସ ଟିମ୍‌ର ବ୍ରାହ୍ମଣୀ ସେତୁ ସ୍ଥଳ ପରିଦର୍ଶନ

ରାଉରକେଲା (ପିଏନ୍): ବହୁଚର୍ଚ୍ଚିତ ନିର୍ମାଣାଧିନ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଦାବି କରାଯାଇଛି। କାର୍ଯ୍ୟର ମାନରେ ଯେପରି କୌଣସି ପ୍ରକାର ସାଲିସ୍ ନ ହୁଏ ଓ କାର୍ଯ୍ୟରତ ଶ୍ରମିକ ତଥା ଛୋଟ ଠିକାଦାରମାନଙ୍କୁ ସେମାନଙ୍କ ପାଉଣା ଠିକ୍ ଭାବେ ପୈଠ କରିବାକୁ ଠିକା କମ୍ପାନୀ କର୍ତ୍ତୃପକ୍ଷଙ୍କୁ କଂଗ୍ରେସ ତରଫରୁ ତାଗିଦ୍ କରାଯାଇଛି। ଜିଲ୍ଲା କଂଗ୍ରେସର ଏକ ଟିମ୍ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଉକ୍ତ ସେତୁ ସ୍ଥଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଶ୍ରୀ ତିର୍କୀ ଠିକା କମ୍ପାନୀ ମେସର୍ସ ପିଆର୍ ଅଗ୍ରୱାଲର ସାଇଟ୍ ଇନିୟରଙ୍କ ସହ ସେତୁ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ଆଲୋଚନା କରିଥିଲେ। କମ୍ପାନୀ ଇନିୟର ଆଉ ୧୫ଟି ସ୍ଲାବ୍ ସେତୁ ଉପରେ ପଡିବାକୁ ବାକି ଅଛି ଏବଂ ଡିସେମ୍ବର ସୁଦ୍ଧା ତାହା ପଡିଯିବ ବୋଲି କହିଥିଲେ। ସେହିପରି ସେତୁର ଉଭୟ ପାର୍ଶ୍ୱ ସଂଲଗ୍ନ ରାସ୍ତା ଆସନ୍ତା ୨୦୨୨ ଅପ୍ରେଲ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ବୋଲି ସୂଚନା ଦେଇଥିଲେ। ତେବେ ସେତୁର ନିର୍ମାଣ କାର୍ଯ୍ୟ ଯେପରି ଧିର ମନ୍ଥର ଗତିରେ ଚାଲିଛି, ଉପରୋକ୍ତ ସମୟ ଭିତରେ ତାହା ସମ୍ପୂର୍ଣ୍ଣ ହେବା ନେଇ କଂଗ୍ରେସ ନେତୃବୃନ୍ଦ ସନ୍ଦେହ ପ୍ରକାଶ କରିଥିଲେ। ତେବେ ସେତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବର କାରଣକୁ ଶ୍ରୀ ତିର୍କୀ ଅନୁଧ୍ୟାନ କରିବା ସହିତ ଏହି ଅବସରରେ କାର୍ଯ୍ୟରତ ଶ୍ରମିକ ଓ ଛୋଟ ଠିକାଦାରଙ୍କ ସହିତ ଆଲୋଚନା କରିଥିଲେ। ମୂଳ ଠିକା କମ୍ପାନୀ ପିଆର୍ ଅଗ୍ରୱାଲ ଦ୍ୱାରା ସେତୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସ୍ୱସ୍ତିକ ବୈଷ୍ଣବୀ ଇଂଜିନିୟରିଂ ନାମକ ଏକ ଛୋଟ ଠିକା ସଂସ୍ଥା କାର୍ଯ୍ୟ କଲା ପରେ ମଧ୍ୟ ମୂଳ ଠିକା କମ୍ପାନୀ ତାର ପ୍ରାୟ ୪୧ ଲକ୍ଷ ଟଙ୍କା ଦେଉନଥିବା ଜାଣିବାକୁ ପାଇଥିଲେ। ତେଣୁ ଉକ୍ତ ଠିକା ସଂସ୍ଥାକୁ ବକେୟା ୪୧ ଲକ୍ଷ ଟଙ୍କା ଗୋଟିଏ ମାସ ମଧ୍ୟରେ ପୈଠ କରିବାକୁ ପିଆର୍ ଅଗ୍ରୱାଲ କମ୍ପାନୀର ସାଇଟ୍ ଇନିୟର ଜରିଆରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଶ୍ରୀ ତିର୍କୀ ତାଗିଦ୍ କରାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସେତୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ମୂଳ ଠିକା କମ୍ପାନୀ ପିଆର୍ ଅଗ୍ରୱାଲ ପ୍ରାୟ ସମସ୍ତ ଛୋଟ ଠିକାଦାର ଓ ଶ୍ରମିକମାନଙ୍କୁ ଝାଡଖଣ୍ଡ, ବିହାର ଓ ଛତିଶଗଡରୁ ଆଣି ନିୟୋଜିତ କରିଥିବା ବେଳେ ଓଡିଶାର ଭଦ୍ରକ ଅଞ୍ଚଳର କେବଳ ଉକ୍ତ ସତ୍ୟମ ବୈଷ୍ଣବୀ ଇଂଜିନିୟରିଂ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲା। ତାର ପ୍ରାପ୍ୟ ନ ଦେଇ ତାକୁ ଠକିବାକୁ ପ୍ରୟାସ କରାଯାଉଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି। ଅନ୍ୟଥା କଂଗ୍ରେସ କମ୍ପାନୀର ଏହି ଠକେଇ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ତିର୍କୀ ଚେତାବନୀ ଦେଇଛନ୍ତି। ଏହି ଗସ୍ତ କାଳରେ ଶ୍ରୀ ତିର୍କୀଙ୍କ ସମେତ ପୂର୍ବତନ ସଭାପତି ବିରେନ ସେନାପତି, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ମହିଳା କଂଗ୍ରେସ ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ ଓ ଅମ୍ରିତ କୌର, ଝୁନୁ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର, ଅନ ବେହେରା, ରତିକାନ୍ତ ମଲ୍ଲିକ, ବିଜୟ ପଟ୍ଟନାୟକ, ପିଣ୍ଟୁ ନନ୍ଦ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ମେଘନାଥ ପାଖିରା, ଯୁବ କଂଗ୍ରେସ ଉପସଭାପତି କିରଣ ଏରିକା, ରଘୁନାଥପାଲ୍ଲୀ ଯୁବ ସଭାପତି ଅନୀଲ ଗୁରୁଙ୍ଗ, ଯୁବନେତା ଏମ୍‌ଡି ଇମ୍‌ତିଆଜ, ଶୁକଦେବ ବଡାଇକ, ଏମ୍‌ଡି ଗୁଲାମ ପ୍ରମୁଖ ଉପସ୍ଥିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ କୁହାଯାଇଛି।

## ବିଜେଡିର କର୍ମକର୍ତା ବୈଠକ : ବ୍ୟାନରରେ ଜିଲ୍ଲା ସଭାପତିଙ୍କ ଫଟୋ ନଥିବା ନେଇ କର୍ମୀ ମହଲରେ ଚର୍ଚ୍ଚା

ଝୁମ୍ପୁରା (ପିଏନ୍) କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅର୍ନ୍ତଗତ ଟୁକୁଡିହା ପଚାଂୟତ ସରାସିଙ୍ଗା ସିଦ୍ଧେଶ୍ୱର ମଠ ପରିସରରେ ବିଜେଡି ପକ୍ଷରୁ ୧୮ ନମ୍ବର ଜିଲ୍ଲାପରିଷଦ ଜୋନର ଜୋନସ୍ତରୀୟ କର୍ମକର୍ତା ବୈଠକ ପାଟଣା ବିଧାୟକ ଜଗନ୍ନାଥ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରରେ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ପର୍ଯ୍ୟବେକ୍ଷକ ପଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀ, ଝୁମ୍ପୁରା ବ୍ଲକ ବିଜୁ ଯୁବ ଜନତାଦଳର ସଭାପତି ହରିଭକ୍ତ କୁନା ଗିରି, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ନାଏକ, ସାଧାରଣ ସମ୍ପାଦକ ମହେନ୍ଦ୍ର ସାହୁ, ମହିଳା ନେତ୍ରୀ ସବିତା ମହାନ୍ତ, ବରିଷ୍ଠ କାର୍ଯ୍ୟକର୍ତା ଯଦୁନାଥ ରାଉତ, ସୁଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। କିପରି ଦଳକୁ ସଂଗଠିତ କରି ଆଗାମୀ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଶତ ପ୍ରତିଶତ ବିଜୟ କରାଯିବ ସେଥିନେଇ ବିଜେଡି ପକ୍ଷରୁ ପ୍ରତ୍ୟେକ ଓାର୍ଡ, ପଚାଂୟତ ତଥା ଜୋନସ୍ତରୀୟ ବୈଠକ ଆରମ୍ଭ ହୋଇଛି। ଏହି ପରିପେକ୍ଷୀରେ ବିଜୁ ଜନତାଦଳ, ପାଟଣା ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଧାୟକ ଜଗନ୍ନାଥ ନାୟକଙ୍କ ନେତୃତ୍ୱରେ କର୍ମକର୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଏହି କର୍ମକର୍ତା ବୈଠକରେ ଲାଗିଥିବା ବ୍ୟାନରରେ ପାଟଣା ବିଧାୟକ ତଥା ରାଜ୍ୟସ୍ତରୀୟ କର୍ମକର୍ତାଙ୍କ ଫଟୋ ରହିଥିବା ବେଳେ ଉକ୍ତ ବ୍ୟାନରରେ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ଫଟୋ ନଥିବା ନେଇ ଉପସ୍ଥିତ ଥିବା କର୍ମୀ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଦଳୀୟ କାର୍ଯ୍ୟକ୍ରମରେ ଜିଲ୍ଲାର ସାଙ୍ଗଠନିକ ମୁଖ୍ୟ ଜିଲ୍ଲା ସଭାପତି ଶ୍ରୀ ସର୍ଦ୍ଦାରଙ୍କ ଫଟୋ ବ୍ୟାନରରେ ନରହିବାର ଉଦ୍ଦେଶ୍ୟ ନେଇ କର୍ମୀମାନଙ୍କ ମନରେ ସନ୍ଦେହ ସୃଷ୍ଟିକରିଥିଲା। ତେବେ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କୁ ପାଟଣା ବିଧାୟକ ଜଗନ୍ନାଥ ନାୟକ ଅଣଦେଖା କରୁଥିବା ଏଥିରୁ ସ୍ପଷ୍ଟ ବାରିହେଉଛି ବୋଲି କର୍ମୀ ମହଲରେ ଚର୍ଚ୍ଚା ଜୋର ଧରିଛି। କର୍ମୀମାନଙ୍କ କହିବା କଥା ଏଭଳି ବ୍ୟତିକ୍ରମ ବିରୋଧୀଙ୍କୁ ସୁରାକ ଯୋଗାଉଥିବା ନେଇ ସାଧାରଣରେ ଆଲୋଚନା ହେଉଅଛି। ତେବେ ୧୮ ନମ୍ବର ଜିଲ୍ଲାପରିଷଦ ଜୋନରେ ବର୍ତମାନ ବିଜେଡିର ସ୍ଥିତି କିପରି ରହିଛି, ଏଥିନେଇ ୧୮ ନମ୍ବର ଜୋନର ୮ଟି ପଚାଂୟତର ପଚାଂୟତ ସଭାପତି, ସମ୍ପାଦକ, ସରପଂଚ, ସମିତି ସଭ୍ୟ/ସଭ୍ୟା ତଥା ଦଳର ବରିଷ୍ଠ କର୍ମକର୍ତା ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଗତ ଜିଲ୍ଲାପରିଷଦ ନିର୍ବାଚନରେ ବିଜେଡି ଏହି ଜୋନରେ ପରାଜୟ ବରଣ କରିଥିବାରୁ ଚଳିତ ନିର୍ବାଚନରେ ଜିଲ୍ଲାପରିଷଦ ସଭ୍ୟଙ୍କୁ ନିର୍ବାଚିତ କରିବା ନିମନ୍ତେ ରଣକୌଶଳ ପ୍ରସ୍ତୁତ କରିବା ସହିତ ଯୁବବର୍ଗଙ୍କୁ ଅଧିକ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ଓ ବରିଷ୍ଠମାନଙ୍କଠାରୁ ପରାମର୍ଶ ନେଇ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ଥିବା ବିଜେଡିର ବରିଷ୍ଠ ସଦସ୍ୟମାନେ ପରାମର୍ଶ ଦେଇଥିଲେ। ତେବେ ଏଥିନେଇ ପାଟଣା ବିଧାୟକ ଶ୍ରୀ ନାୟକ ଏବଂ ଜିଲ୍ଲା ସଭାପତି ଶ୍ରୀ ସର୍ଦ୍ଦାରଙ୍କ ମତାମତ ନେବା ପାଇଁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ରାଜ୍ୟପାଳଙ୍କ କେନ୍ଦ୍ରାପଡା ଗସ୍ତ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏକ ଦିନିକିଆ କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ସର୍କିଟ ହାଉସରେ ପହଞ୍ଚିଥିଲେ। ଏହାପରେ ସେଠାରେ ଅନୁଷ୍ଠିତ ଏକ ବୈଠକରେ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ, ଆଗାମୀ ପିଢି ନିମନ୍ତେ ଜଳ ସଂରକ୍ଷଣ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଶୌଚାଳୟର ସୁବିଧା ଯୋଗାଇଦେବାକୁ ଜିଲ୍ଲା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବାହ୍ନ ୧୧ ଟାରେ ରାଜ୍ୟପାଳ ସର୍କିଟ ହାଉସରେ ପହଞ୍ଚିବା ପରେ ଜିଲ୍ଲା ଆରକ୍ଷୀ ବାହିନୀ ପକ୍ଷରୁ ତାଙ୍କୁ ସାମରିକ ଅଭିବାଦନ (ଗାର୍ଡ ଅଫ ଅନର) ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଅମ୍ରିତ ରତୁରାଜ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏକ ଅନୌପଚାରିକ ଆଲୋଚନାରେ ରାଜ୍ୟପାଳ ଗଣେଶୀଲାଲ ଜିଲ୍ଲାର ପାଣି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ମଧାହ୍ନ ଭୋଜନରେ ସାମିଲ କରାଯିବାକୁ ସେ ପରାମର୍ଶ ଦେଇଥିଲେ। ଆଗାମି ପିଢୀପାଇଁ ଜଳ ସଂରକ୍ଷଣ ନିମନ୍ତେ ଚିନ୍ତା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଆଜିର ଛାତ୍ରଛାତ୍ରୀ କାଲିର ଭବିଷ୍ୟତ। ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ "ଆଜିର ଆମ ରାଜ୍ୟ ଓଡିଶା", "ଆମ ଜିଲ୍ଲା କେନ୍ଦ୍ରାପଡା" ୨୦୨୨ ଓ ୨୦୨୩ରେ ଆମ ରାଜ୍ୟର ସ୍ଥିତି କେମିତି ରହିବ ଆମରାଜ୍ୟ ଓ ଆମ ଜିଲ୍ଲା ସମ୍ପର୍କୀୟ ରଚନା ଲେଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟପାଳ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ପିଲାମାନଙ୍କୁ ଆମଦେଶ ଭାରତବର୍ଷ କେମିତି ଓ ବର୍ତ୍ତମାନର ସ୍ଥିତି କେମିତି ବୁଝାଇବାକୁ ରାଜ୍ୟପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ବସନ୍ତ ନାୟକ ଜିଲ୍ଲାର ଜଳ ଯୋଗାଣ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଶେଷରେ ଜିଲ୍ଲାପାଳ ଶ୍ରୀ ରତୁରାଜ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟୁକୁଣା ସାଉଁତି ସାହି ଏବଂ ପଞ୍ଚୁପଲ୍ଲୀ ଗ୍ରାମରେ ସରକାରଙ୍କ ଜନଶୁଣାଣୀ ସଭା ଅନୁଷ୍ଠିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଇଲୋ ପଂଚାୟତ ଟୁକୁଣା ଗ୍ରାମର ସାଉଁତିସାହିରେ ସରକାରଙ୍କ ଯୋଜନାରୁ ବଂଚିତ ହୋଇଥିବା ଗରିବ ଅସହାୟ ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ଟୁକୁଣା ଗ୍ରାମର ସମାଜସେବୀ ଶ୍ରୀମତୀ ଅସୀମା ମିଶ୍ରଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ସରକାରୀ ଅଧିକାରୀଙ୍କ ଉପସ୍ଥିତରେ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟୁକୁଣା ଗ୍ରାମ ସାଉଁତି ସାହିର ଅନେକ ଲୋକ ସରକାରୀ ସୁବିଧା ସୁଯୋଗରୁ ବଂଚିତ ହୋଇ ବାରମ୍ବାର ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ଲୋକମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଂଚିତ ହୋଇଛନ୍ତି। ଏଥିପାଇଁ ସ୍ଥାନୀୟ ସମାଜସେବୀ ଅସୀମା ମିଶ୍ରଙ୍କ ଦ୍ୱାରା ଜାତୀୟ ଅନୁସୂଚିତ ଆୟୋଗକୁ ଗୁହାରୀ କରିଥିଲେ। ତେଣୁ ଜନଜାତି ଆୟୋଗର ସଦସ୍ୟ ଅନନ୍ତ ଚରଣ ନାୟକ ଏବଂ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକ ଓ ତହସିଲଦାର ତପନ କୁମାର ନାୟକ, ଜିଆରଏସ୍, ପିଇଓ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଲୋକମାନଙ୍କ ସମସ୍ୟାକୁ ଦୃଷ୍ଟି ଦେଇ ବସ୍ତି ମଝିରେ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ପଞ୍ଚୁପଲ୍ଲୀ ଗ୍ରାମର ଦେହୁରୀ ସାହିରେ ମଧ ଏହି ଜନଶୁଣାଣୀ ସଭା କରାଯାଇଥିଲା। ଏଥିରେ ଯେଉଁ ଗରିବ ଲୋକମାନଙ୍କର ପ୍ରକୃତରେ ଅସୁବିଧା ରହିଛି ଏବଂ ସରକାରୀ ସୁବିଧା ପାଇବାରୁ ବଂଚିତ ହୋଇଛନ୍ତି ସେମାନଙ୍କୁ ସରକାରୀ ଅଧିକାରୀମାନେ ସଠିକ୍ ତଦନ୍ତ କରି ଏହାର ସମାଧାନ ଯଥାଶୀଘ୍ର କରିବେ ଏବଂ ଗ୍ରାମରେ ରହିଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ତାଲିବାନଙ୍କ ପାପ ପୂଣ୍ୟ ବିଚାର

ଅଗଷ୍ଟ ମାସ ୧୫ ତାରିଖ ଦିନ ଦୁର୍ଦ୍ଧାନ୍ତ ତାଲିବାନ ମାନେ ଆଫଗାନିସ୍ତାନର ରାଜଧାନୀ କାବୁଲ ଅଧିକାର କରି ତାଙ୍କ ଏମିରେଟ ଶାସନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛନ୍ତି । ଆଗରୁ ୧୯୯୬ ରୁ ୨୦୦୧ ମସିହା ପର୍ଯ୍ୟନ୍ତ ସେମାନେ ଆଫଗାନିସ୍ତାନର ଶାସନର ପ୍ରଥମ ଅଙ୍କ କାର୍ଯ୍ୟକାରି କରିଥିଲେ । ସେତେବେଳେ ତାଙ୍କର କ୍ରୁର ଶାସନ ପାଇଁ ସାରା ବିଶ୍ୱରେ ସେମାନେ ନିନ୍ଦିତ ହୋଇଥିଲେ ମଧ୍ୟ ତାଲିବାନ ମାନେ ଆଦୌ ଭୃକ୍ଷେପ କରିନଥିଲେ । ମାତ୍ର ତିନୋଟି ଦେଶ ପାକିସ୍ତାନ,ସାଉଦୀ ଆରବ ଓ ଆରବ ଏମିରେଟ ତାଙ୍କୁ ସ୍ୱିକୃତି ଦେଇଥିଲେ ।

ବିଶ୍ୱର ଏକ ନମ୍ବର ଆତଙ୍କବାଦୀ, ଆମେରିକାର ଚରମ ଶତ୍ରୁ ଓସମାନ ବିନ ଲାଦେନ କୁ ସେମାନେ ନିଜ ମାଟିରେ ଆଶ୍ରୟ ଦେଇଥିଲେ । ୯/୧୧,୨୦୦୧ ମସିହାରେ ଲାଦେନର ଆଲକାଇଦା ସଂଗଠନର ଆମେରିକାର ନିୟୁର୍କ ଠାରେ ଥିବା ବିଶ୍ୱ ଟ୍ରେଡ ଟାୱାର ଉପରେ ଆକ୍ରମଣରେ ପ୍ରାୟ ୩୦୦୦ ଆମେରିକା ନାଗରୀକଙ୍କ ମୃତ୍ୟୁହେଲା । ଏହାର ପ୍ରତିଶୋଧ ପାଇଁ ଆମେରିକା ଆଫଗାନିସ୍ତାନ ଉପରେ ବିମାନ ଆକ୍ରମଣ କରି ତାଲିବାନ ବିରୋଧି ନର୍ଥନ ଆଲିଆନସଙ୍କ ସାହାଯ୍ୟରେ ତାଲିବାନଙ୍କୁ କ୍ଷମତା ଚ୍ୟୁତ କଲା । ତାଲିବାନ ମାନେ ପାକିସ୍ତାନର ପାହାଡ ଜଙ୍ଗଲରେ ଲୁଚି ରହିଲେ । ଆମେରିକା ସମର୍ଥିତ ଆଲିଆନସ ସରକାର ଉପରେ ଗରିଲା ଆକ୍ରମଣ ଜାରି ରଖିଲେ । ଆମେରିକାର ସମସ୍ତ ଚେଷ୍ଟା ସତ୍ୱେ ଆଫଗାନିସ୍ତାନର ଅନେକ ଅ-ଞ୍ଚଳ ନିଜ ଅକ୍ତିଆରକୁ ନେଇଗଲେ । ନିଜର ସୈନ୍ୟଙ୍କର ମୃତ୍ୟୁରେ ବ୍ୟଥିତ ହୋଇ ଆମେରିକା ବାଧ୍ୟ ହୋଇ ତାଲିବାନଙ୍କ ସହ ଏକ ନାମ ମାତ୍ର ଶାନ୍ତି ଚୁକ୍ତି କରି ଆଫଗାନିସ୍ତାନରୁ ବିଦାୟ ନେଲା ଓ ପୁଣି ଥରେ ଆଫଗାନିସ୍ତାନରେ ତାଲିବାନ ଶାସନ ଆରମ୍ଭ ହେଲା ।





ଏଥରକ ତାଲିବାନର ଆଫଗାନିସ୍ତାନ ଅଧିକାର ଅଧିକ କ୍ଷୀପ୍ର ଓ ସଂପୂର୍ଣ୍ଣ ଥିଲା । ଏପର୍ଯ୍ୟନ୍ତ ସେମାନେ ଅଧିକାର କରିପରି ନଥିବା ପାନଶିର ଭାଲି ମଧ୍ୟ ଅଧିକୃତ ହେଲା । ଆଶା କରାଯାଉଥିଲା ଏଥର କ ତାଲିବାନମାନେ ବାସ୍ତବବାଦୀ ହୋଇ ବିଶ୍ୱର ଜନମତକୁ ସମ୍ମାନ ଜଣାଇ କିଛିଟା କୋହଳ ମନୋଭାବ ପ୍ରଦର୍ଶନ କରିବ । ମାତ୍ର କୁକୁର ଲାଙ୍ଗୁଡ ସବୁବେଳେ ବଙ୍କା ଭଳି, ତାଲିବାନମାନେ ଶାସନ ଆରମ୍ଭରୁ ହିଁ ତାଙ୍କ ଅଗଣତାନ୍ତ୍ରିକ, ମାନବବାଦ ବିରୋଧି ମନୋଭାବ ପ୍ରଦର୍ଶନ କରିଛନ୍ତି ।

ବିଶ୍ୱ ଆତଙ୍କବାଦୀ ତାଲିକାରେ ଥିବା ଅନେକ ବ୍ୟକ୍ତିଙ୍କୁ ମନ୍ତ୍ରୀମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେଇଛନ୍ତି । କଠୋର ଇସଲାମିକ ସାରିଆତ ଆଇନ ବଳରେ ସେମାନେ ଶାସନ କରିବେ ବୋଲି ଘୋଷଣା କରିଛନ୍ତି । ଏହି ଆଇନକୁ କାର୍ଯ୍ୟକାରି କରିବା ପାଇଁ ସେମାନେ ପାପ-ପୂଣ୍ୟ ବିଭାଗ (Virtue and Vice Department) ନାମରେ ଏକ ନୂଆ ବିଭାଗ ସୃଷ୍ଟି କରିଛନ୍ତି । ଏହି ବିଭାଗର ମୁଖ୍ୟ ଜଣେ ବରିଷ୍ଠ ମୁଲ୍ଲା ଅଛନ୍ତି । ଅ-ଳର କମାଣ୍ଡର,ମସଜିଦର ଇମାମ ଲୋକଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଛି । ତାଲିବାନର ସୈନ୍ୟ ମାନେ ବୁଲି ବୁଲି ଲୋକମାନେ ଆଇନ ପାଳୁଛନ୍ତି କି ନାହିଁ ତଦାରଖ କରୁଛନ୍ତି ।

ପ୍ରଥମ ଚଡକ ପଡିଛି ଶିକ୍ଷା ଉପରେ । ଇଂଲିଶ ମେଡିଅମ ସ୍କୁଲ କୁ ନିଷେଧ କରାଯାଇଛି । ନାରୀ ଶିକ୍ଷା ଉପରେ ରୋକ ଲଗା ଯାଇଛି । ଝିଅ ମାନେ ଚାକିରି କରି ପାରିବେନି,ତେଣୁ ଅଧିକ ହେଲେ ଛଅ ଷ୍ଟାଣ୍ଡାର୍ଡ ଯାକେ ପଢି ପାରିବେ । ସେମାନେ ଖେଳି ପାରିବେ ନାହିଁ, ସହ ଶିକ୍ଷା ଉପରେ ରୋକ ଲଗା ଯାଇଛି । ଝିଅ ମାନଙ୍କୁ ସ୍ତ୍ରୀ ଶିକ୍ଷକ ହିଁ ପଢାଇ ପାରିବେ । ଛାତ୍ରୀ ମାନେ ବୁର୍ଖା ପିନ୍ଧି ସ୍କୁଲକୁ ଆସିବେ। । ଆଗ ଶାସନ କାଳରେ ନାରୀ ମାନଙ୍କୁ ଶିକ୍ଷା ଚାକିରି,ପୋଷାକ ପିନ୍ଧାରେ ସ୍ୱାଧିନତା ଦିଆ ଯାଇଥିଲା। ପ୍ରାୟ ୪୦ ଶତକଡା କାବୁଲର ସରକାରୀ କର୍ମଚାରୀ ନାରୀ ଥିଲେ । ପିଲା ମାନଙ୍କୁ ମାଦ୍ରାସାରେ ପଢିବାକୁ କୁହାଯାଉଛି ।

ତାଲିବାନଙ୍କ ନାରୀ ବିରୋଧି ମନୋଭାବ ବିରୁଦ୍ଧରେ କେତେକ ସ୍ଥାନରେ ପ୍ରତିବାଦ ହେଲେ ମଧ୍ୟ ତାହା ଦମନ କରାଯାଇଛି । ଅନେକ ଶିକ୍ଷିତ ଲୋକେ ଦେଶ ଛାଡି ପଳାଇ ଗଲେଣି । ପାଠ ପଢିବାରୁ କୁନି ଝିଅ ମାଲାଲା କିପରି ତାଲିବାନଙ୍କ ଆକ୍ରମଣର ଶୀକାର ହୋଇଥିଲା ତାହା ସମସ୍ତେ ଜାଣନ୍ତି । ବ୍ୟକ୍ତିଗତ ଚଳଣି ପାଇଁ ତାଲିବାନ ମାନେ କଠୋର ନିୟମ ମାନ ଜାରି କରିଛନ୍ତି । ସ୍ତ୍ରୀ ମାନେ ବାହାରକୁ ଗଲାବେଳେ ସଂପୂର୍ଣ୍ଣ ବୁର୍ଖା ଆବୃତ ରହିବେ । ସେମାନେ ସାଙ୍ଗରେ ନିଜ ଲୋକ ସହ ଯିବେ । ପର ପୁରୁଷ ସହ ବ୍ୟଭିଚାରରେ ଲିପ୍ତ ଯଦି ହୁଅନ୍ତି ଓ ତାହା ଚାରିଜଣ ସାକ୍ଷୀଙ୍କ ଦ୍ୱାରା ପ୍ରମାଣିତ ହୁଏ, ତାହାହେଲେ ତାକୁ ମୃତ୍ୟୁଦଣ୍ଡ ଦିଆଯିବ । ତାର ଶିର ଛେଦ ହେବ କିମ୍ବା ସର୍ବସାଧାରଣ ଜାଗାରେ ଟେକା ମାରି ହତ୍ୟା କରାଯିବ । ଫିଲିମ ଦେଖିବା, ଟିଭି ଦେଖିବା, ସ୍ମାର୍ଟ ଫୋନ ବ୍ୟବହାର କରିବା, ପାରା, କୁକୁଡା ଖେଳାଇବା ଦଣ୍ଡାବହ । ସିନେମା ହଲ,ପାର୍ଲର,ସ୍ପା,ଆଦି ନିଷେଧ ହୋଇଛି । ପାନ, ସିଗାରେଟ ଟଣା, ଗୁଟୁକା,ମଦ୍ୟ ପାନ ଉପରେ ରୋକ ଲଗାଯାଇଛି ।

ପୁରୁଷମାନେ ଦାଢୀ କାଟି ପାରିବେ ନାହିଁ । ମୁଣ୍ଡରେ ପଗଡି ପିନ୍ଧିବେ । ନିୟମିତ ମସଜିଦକୁ ଯିବେ । ପା-ଞ୍ଚ ଥର ନମାଜ ପଢିବେ । ଆଇନ ନମାନିଲେ ସତର୍କ କରାଯିବ । ଚାବୁକ ଓ ବନ୍ଧୁକ ବଟରେ ମାଡ ଦିଆଯିବ,ଜେଲ ପଠାଇ ଦିଆଯିବ । ପରିବାର ଲୋକଙ୍କୁ ମଧ୍ୟ ନିର୍ଯ୍ୟାତନା ଦିଆଯିବ । ଚୋରି, ଠକେଇ ପାଇଁ ହାତ କଟା ବ୍ୟବସ୍ଥା ରହିଛି । ଶତ୍ରୁଙ୍କୁ ସାହାଯ୍ୟ କଲେ ଗୁଳି କରାଯିବ ।

ଆଫଗାନିସ୍ତାନରେ ଅନେକ ବିଦେଶୀ ସାହାଯ୍ୟକାରୀ ସଂସ୍ଥା ନିଜର ଶାଖା ମାନ ଖୋଲି କାର୍ଯ୍ୟ କରୁଛନ୍ତି । ତାଲିବାନ ଆସିଲା ପରେ ଅନେକଙ୍କୁ ଅଫିସ ବନ୍ଦ କରି ନିଜ ନିଜ ଦେଶକୁ ଫେରି ଯିବାକୁ ନିର୍ଦ୍ଦେଶ ଦିଆଗଲାଣି । ଅନେକ ସମ୍ବାଦ ସଂସ୍ଥା ମଧ୍ୟ ବନ୍ଦ ହୋଇଗଲାଣି । ବିଦେଶୀ ସାମ୍ବାଦିକମାନେ ଦୁର୍ବ୍ୟବହାରର ସମ୍ମୁଖୀନ ହେଲେଣି । ଅନେକ ଦେଶ ତାହା ସହ ସଂପର୍କ ଛିନ୍ନ କଲେଣି । ମାତ୍ର କୋରାନ ଓ ଆଲ୍ଲାଙ୍କ ଉପରେ ବିଶ୍ୱାସ ରଖିଥିବା ତାଲିବାନ ଙ୍କର ସେଥିପାଇଁ ଚିନ୍ତା ନାହିଁ । ତାଙ୍କ କାମରେ ପାକିସ୍ତାନ ଓ ସାଉଦୀ ଆରବ ପୂର୍ଣ୍ଣ ସମର୍ଥନ ଦେଉଛି ।

ତାଲିବାନମାନେ ଦାବି କରନ୍ତି ତାଙ୍କ ଶାସନ ଓ ନ୍ୟାୟ ବ୍ୟବସ୍ଥା ସଂପୂର୍ଣ୍ଣ ଦୁର୍ନୀତିମୁକ୍ତ ଓ କ୍ଷୀପ୍ର । ଗଣତାନ୍ତିକ ରାଷ୍ଟ୍ର ଭଳି ବିଳମ୍ବିତ ବା କଳୁଷିତ ନୁହଁ । ବ୍ୟକ୍ତିକୁ ସର୍ବସ୍ୱାନ୍ତ ହୋଇ ବର୍ଷ ବର୍ଷ ଧରି ନ୍ୟାୟ ପାଇଁ ଅପେକ୍ଷା କରିବାକୁ ପଡିବ ନାହିଁ । ଦଣ୍ଡ କଠୋର ହୋଇପାରେ, ମାତ୍ର ତାହାଫଳରେ ସମାଜରେ ଅପରାଧ କରିବାକୁ ଭୟ ସୃଷ୍ଟି ହେବ, ଆଇନକୁ ଫାଙ୍କି ଶାସନ ସହ ଲୁଚିକାଳି ଖେଳ ଖେଳିବାକୁ ସୁଯୋଗ ଦିଆଯିବ ନାହିଁ । ବିଶ୍ୱର ଗଣମାଧ୍ୟମମାନଙ୍କର ନକାରାତ୍ମକ ପ୍ରଚାର ସତ୍ୱେ ସେମାନଙ୍କ କଥାର କିଛିଟା ସତ୍ୟତା ଅଛି । ଆମେରିକାର ବୋମାମାଡକୁ ୨୦ ବର୍ଷ ଧରି ପ୍ରତିରୋଧ କରି ସେମାନେ ଯେପରି ତା' ନାକ ଆଗରେ ଦେଶକୁ ଅଧିକାର କରିଗଲେ, ତାହା ଜନସମର୍ଥନ ବିନା ସମ୍ଭବ ନୁହେଁ ।

ସାଉଦୀ ଆରବ ଭଳି ଦେଶରେ ମଧ୍ୟ ଅଙ୍ଗ ଛେଦ ଭଳି ଦଣ୍ଡ ଦିଆଯାଉଛି । ସିଙ୍ଗାପୁର ଭଳି ଉନ୍ନତ ଦେଶରେ ମଧ୍ୟ ଚାବୁକ ମାଡ ଅଛି । ଆମ ଦେଶରେ ପୋଲିସମାନେ ଅପରାଧୀଙ୍କୁ କିପରି ଶାରିରିକ ନିର୍ଯ୍ୟାତନା ଦିଅନ୍ତି, ଫଲସ ଏନକାଉଣ୍ଟର କରନ୍ତି ତାହା ଜଣା । ଆଇନକୁ ଫାଙ୍କି ଅପରାଧୀମାନେ କିପରି ଲୁଚକାଳି ଖେଳି ନିଶ ମୋଡି ବୁଲନ୍ତି । ନ୍ୟାୟ ବ୍ୟବସ୍ଥା କିପରି ପ୍ରହସନରେ ପରିଣତ ହେଲାଣି, ଆଇନର ପ୍ରବକ୍ତାମାନେ କିପରି ବର୍ଷ ବର୍ଷ ଧରି କୋର୍ଟ ବନ୍ଦ କରୁଛନ୍ତି, ବିଚାରପତିମାନେ ଅସହାୟ ହୋଇ ନିରବ ଦର୍ଶକ ସାଜୁଛନ୍ତି, ସେସବୁ ଦେଖିଲେ ତାଲିବାନଙ୍କ କଥାରେ କିଛିଟା ସତ୍ୟତା ଅଛି ବୋଲି ମନେହୁଏ । ଆତଙ୍କବାଦକୁ ସୃଷ୍ଟି କରି ଓ ତାକୁ ପୋଷଣ କରୁଥିବା ପାକିସ୍ତାନକୁ ବିଭିନ୍ନ ଆଳରେ କୋଟି କୋଟି ଟଙ୍କା ସାହାଯ୍ୟ ଦେଇ, ଆମେରିକାର ମାନବବାଦର ପ୍ରଚାର ଓ ୱାର ଅନ ଟେରର ଘୋଷଣା ଏକ ପ୍ରହସନ ଓ ସଇତାନର ବେଦ ପାଠ ଛଡା କିଛି ନୁହେଁ ।

**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୦୭

# ଦାରିଦ୍ର୍ୟମୁକ୍ତ ବିଶ୍ୱର ପରିକଳ୍ପନା



ଦାରିଦ୍ର୍ୟ ମାନବର ଏକ ଦୁଃଖଦ ଅବସ୍ଥା। ଜୀବନ ଧାରଣ, ସ୍ୱାସ୍ଥ୍ୟ ରକ୍ଷା ତଥା ଦକ୍ଷତା ବୃଦ୍ଧି ପରି ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣର ଅକ୍ଷମତାହିଁ ଦାରିଦ୍ର୍ୟତା। ପ୍ରକାରାନ୍ତରେ କହିଲେ ସ୍ଥାୟୀ ବା ଅସ୍ଥାୟୀ ଭାବେ ଯେତେବେଳେ ଜଣେ ଲୋକ ନିଜର ତଥା ତା' ପରିବାରର ସଦସ୍ୟମାନେ କାର୍ଯ୍ୟକ୍ଷମ ଭାବେ ବଞ୍ଚିବା ନିମନ୍ତେ ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ ହୋଇଥାଏ ତାକୁ ଆମେ ଦାରିଦ୍ର୍ୟ ବୋଲି କହିବା। ଏହା ତାଙ୍କର ଶାରୀରିକ ତଥା ମାନସିକ ଦକ୍ଷତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହି ଦାରିଦ୍ର୍ୟ ସାରା ବିଶ୍ୱର ଏକ ପ୍ରମୁଖ ସମସ୍ୟା। କ୍ରମାଗତ ଭାବେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଉଥିଲେ ମଧ୍ୟ ବିଶ୍ୱରେ ଦାରିଦ୍ର୍ୟତାର ପ୍ରଭାବ ଅତୁଟ ରହିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସାଫଲ୍ୟ ହାସଲ କରିଥିବା ସତ୍ତ୍ୱେ ଏକ ଦାରିଦ୍ର୍ୟମୁକ୍ତ ବିଶ୍ୱ ପରିକଳ୍ପନା ଏବେବି ଅଧୁରା ହୋଇ ରହିଛି। ଏହାହିଁ କ୍ଷୋଭର ବିଷୟ।

ଏହି କଥାକୁ ଲକ୍ଷ୍ୟ ରଖି ୧୯୮୭ରୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖରେ ପାଳିତ ହେଉଛି ଆନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ। ଦାରିଦ୍ର୍ୟ, କ୍ଷୁଧା, ହିଂସା ଓ ଭୟ ଦୂର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଦାରିଦ୍ର୍ୟକୁ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇଥାଏ। ପ୍ରଥମତଃ ଚରମ ବା ଉତ୍କଟ ଦାରିଦ୍ର୍ୟ ଓ ଦ୍ୱିତୀୟତଃ ଆପେକ୍ଷିକ ଦାରିଦ୍ର୍ୟ। ଯେଉଁ ଲୋକ ବଞ୍ଚି ରହିବା ପାଇଁ ଜୀବନର ମୌଳିକ ଆବଶ୍ୟକତାକୁ ପୂରଣ କରିପାରନ୍ତି ନାହିଁ ସେମାନଙ୍କ କ୍ଷେତ୍ରରେ ଚରମ ବା ଉତ୍କଟ ଦାରିଦ୍ର୍ୟ ଦେଖାଯାଏ ବୋଲି କୁହାଯାଏ। ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ ଭିତ୍ତିରେ ଚରମ ଦାରିଦ୍ର୍ୟତା ନିର୍ଣ୍ଣୟ ହୋଇଥାଏ। ଏଗୁଡିକର ନିରୂପିତ ମୂଲ୍ୟଠାରୁ କମ୍ ଖର୍ଚ୍ଚ କରିଥିବା ଲୋକମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି ବୋଲି ଧରାଯାଏ। ଆପେକ୍ଷିକ ଦାରିଦ୍ର୍ୟର ଅର୍ଥ ଭିନ୍ନ। ଯେତେବେଳେ ଦୁଇଜଣ ବ୍ୟକ୍ତି ବା ଦୁଇ ଗୋଷ୍ଠୀର ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ନେଇ ତୁଳନା କରାଯାଏ, ସେତେବେଳେ ଆମେ ଆପେକ୍ଷିକ ଦାରିଦ୍ର୍ୟ କଥା କହିଥାଉ। ତେଣୁ ଆପେକ୍ଷିକ ଦାରିଦ୍ର୍ୟ କହିଲେ ଆୟର ବୈଷମ୍ୟକୁ ବୁଝାଏ।

ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୭୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷିକ୍ଷେତ୍ରରେ



ଅଗ୍ରଗତି ସନ୍ତୋଷଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢ଼ିଛି।

ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦେଖାଦେଇଥିବା ଗଣଦାରିଦ୍ର୍ୟ କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗନର ନରକ୍ସ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ' । ଅନ୍ୟ ଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏହିଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି। ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡପିଛା ଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ ପ୍ରତିଶତରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।

ଦ୍ରାରିଦ୍ର୍ୟ ହିଁ କ୍ଷୁଧାର ପ୍ରମୁଖ କାରଣ। ନିକଟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱର ୧୦୭ଟି ଦେଶକୁ ନେଇ କରାଯାଇଥିବା କ୍ଷୁଧା ସୂଚକାଙ୍କ ତାଲିକାରେ ଭାରତ ୯୪ତମ ସ୍ଥାନରେ ରହିଛି। ଏପରିକି ପଡୋଶୀ ବାଂଲାଦେଶ, ପାକିସ୍ଥାନ, ଶ୍ରୀଲଙ୍କା ଓ ନେପାଳଠାରୁ ବି ପଛରେ ରହିଛି ଆମ ଦେଶ। ଭାରତରେ ଏଭଳି ନୈରାଶ୍ୟ ପ୍ରଦର୍ଶନ ପାଇଁ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ଉପଯୁକ୍ତ ତଦାରଖ ଅଭାବକୁ ଦାୟୀ କରାଯାଇଛି। ଏପରିକି ଭାରତର ଜନସଂଖ୍ୟାର ୧୪ ପ୍ରତିଶତ ଲୋକ କୁପୋଷଣର ଶିକାର ହେଉଛନ୍ତି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଏହାସହିତ ଭାରତରେ ଶିଶୁ ସ୍ୱାସ୍ଥ୍ୟ ମଧ୍ୟ ନୈରାଶ୍ୟଜନକ ଅବସ୍ଥାରେ ରହିଛି। ସେହିଭଳି ଭାରତରେ ପାଂଚବର୍ଷରୁ କମ୍ ବର୍ଷର ଶିଶୁ ମୃତ୍ୟୁ ହାର ୩.୭ ପ୍ରତିଶତ ରହିଛି। ଏହାହିଁ ଚରମ ଦାରିଦ୍ର୍ୟର ପ୍ରତିଫଳନ।

ଦାରିଦ୍ର୍ୟ ଏକ ସାମାଜିକ ବ୍ୟାଧି। ଅର୍ଥବ୍ୟବସ୍ଥାର ଏହା ଏକ କଳଙ୍କିତ ଓ ବିଷାଦମୟ ବିଷୟ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ। ତେଣୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସଫଳତା ପାଇଁ ନୂତନ ଆର୍ଥିକ ସଂସ୍କାର ନୀତି ସହିତ ଗ୍ରାମ୍ୟଉନ୍ନୟନ ବିଶେଷକରି କୃଷି, କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ଏଥିପାଇଁ ସବୁ ସ୍ତରରେ ଆନ୍ତରିକ ଉଦ୍ୟମ ଲୋଡ଼ା।

**ହିମାଂଶୁଶେଖର ଆଚାର୍ଯ୍ୟ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨**

# ଜନ ଗଣ ମନର ସଙ୍ଗୀତକାର ରାମସିଂହ

**ସୌମେନ୍ଦ୍ର ଜେନା**



ଜାତୀୟ ସଙ୍ଗୀତ 'ଜନ ଗଣ ମନ' ସହ ପ୍ରାୟ ସମସ୍ତେ ପରିଚିତ। ଏହାର ରଚୟିତା କବିଗୁରୁ ରବିନ୍ଦ୍ରନାଥ ଠାକୁର ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ଯାହାର ସ୍ୱରର ଝଙ୍କାର ଏହି ସଂଗୀତଟିକୁ କୋଟି କୋଟି ଲୋକଙ୍କ ମନକୁ ବାନ୍ଧିରଖିଲା ସେହି ଅଳ୍ପ ପରିଚିତ, ଅଳ୍ପ ଆଲୋଚିତ ବ୍ୟକ୍ତିତ୍ୱ ହେଲେ କ୍ୟାପଟେନ ରାମସିଂହ ଠାକୁର। ୨୦୦୨ ପର୍ଯ୍ୟନ୍ତ ବଞ୍ଚିରହିଥିବା ଏହି ସଂଗୀତକାରଙ୍କୁ ଦେଶ ଯେତିକି ସମ୍ମାନ ଦେବା କଥା, ତାହା ସମ୍ଭବ ହୋଇନାହିଁ। ଜନଗଣମନର ଗୀତିକାରଙ୍କୁ ଯେତେ ଲୋକେ ଜାଣନ୍ତି, ଏହାର ସଂଗୀତକାରଙ୍କୁ ସେତିକି ଜାଣନ୍ତି ନାହିଁ। ଏହା ହେଉଛି ଅବହେଳିତ ପ୍ରତିଭାର ପ୍ରମାଣ।

ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲା ଅନ୍ତର୍ଗତ ଧର୍ମଶାଳା ବ୍ଲକର ଖନିଆରା ଗ୍ରାମରେ ଦିଲିପ ସିଂହଙ୍କ ପୁତ୍ରଭାବେ ୧୫ ଅଗଷ୍ଟ ୧୯୧୪ରେ ତାଙ୍କର ଜନ୍ମ। ସେ ପ୍ରଥମେ ୨୧ଗୋର୍ଖା ରାଇଫଲ, ପରେ ଆଜାଦ ହିନ୍ଦ ଫୌଜ ଏବଂ ଶେଷରେ ଉତ୍ତର ପ୍ରଦେଶ ପୋଲିସ ବାହିନୀର ବ୍ୟାଣ୍ଡମାଷ୍ଟର ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଜୀବନ ଥିଲା ରାଷ୍ଟ୍ରଭକ୍ତି ଗୀତ ପ୍ରତି ସମର୍ପିତ। ତାଙ୍କ ପିତା ଦିଲିପ ସିଂହ ଥିଲେ ଜଣେ ପୋଲିସ ହାବିଲଦାର। ୧୯୨୨ରେ ରାମସିଂହ ସ୍କୁଲ ଶିକ୍ଷା ପରେ ଧର୍ମଶାଳାସ୍ଥିତ କ୍ୟାଣ୍ଟନମେଣ୍ଟର ବ୍ୟାଣ୍ଡବାଦକ ଦଳରେ ଯୋଗ ଦେଇଥିଲେ। ତାଙ୍କ ପିତାମହ ଜମନୀ ଚନ୍ଦ ଏବଂ ଅଜା ନଥୁ ଚନ୍ଦଙ୍କ ଦ୍ୱାରା ସେ ଅଧିକ ପ୍ରଭାବିତ ଥିଲେ। ଏହି ଦୁଇଜଣ ତାଙ୍କୁ ସଂଗୀତ ପ୍ରତି ଆକୃଷ୍ଟ କରାଇଥିଲେ। ତାଙ୍କ ପିତାମହ ଜମନୀ ଚନ୍ଦ ଉତ୍ତରାଖଣ୍ଡର ପିଥୋରାଗଡ ଜିଲ୍ଲାର ମୁନାକୋଟ ଗ୍ରାମରୁ ହିମାଚଳ ପ୍ରଦେଶକୁ ପୂର୍ବରୁ ଚାଲିଯାଇ ବସବାସ କରୁଥିଲେ। ସେ ପାଶ୍ଚାତ୍ୟ, ଶାସ୍ତ୍ରୀୟ ସଂଗୀତ ସମେତ ବାଲାଡ ମଧ୍ୟ ଶିକ୍ଷା କରିଥିଲେ। ବ୍ରିଟିସ୍ ବାଦ୍ୟକାର ହଡସନ ଏବଂ ଡାନିସଙ୍କଠାରୁ ସେ ବ୍ରାସ, ବ୍ୟାଣ୍ଡ ଏବଂ ନୃତ୍ୟଶିକ୍ଷା କରିଥିଲେ। କ୍ୟାପଟେନ ରୋଜ ତାଙ୍କୁ ଭାଓଲିନ ଶିଖାଇଥିଲେ। ଆଜିକାଲି ପାକିସ୍ଥାନରେ ଥିବା ଖାଇବର ପାଖତୁନଖ୍ୱାଠାରେ ୧୯୩୭-୩୯ରେ ଚାଲିଥିବା ଯୁଦ୍ଧରେ ସେ ବୀରତ୍ୱର ପରିଚୟ ଦେଇଥିବା ହେତୁ ତାଙ୍କୁ କମ୍ପାନୀ ହାବିଲଦାରରୁ ମେଜର ପଦବୀକୁ ପଦୋନ୍ନତି ମିଳିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ୧୫ ଫେବୃଆରୀ ୧୯୪୨ରେ ବ୍ରିଟିସ ସେନା ଜାପାନୀ ଜେନେରାଲ ଫୁଜିଆରାଙ୍କ ଦ୍ୱାରା ପରାସ୍ତ ହୋଇ ଆତ୍ମସମର୍ପଣ କରିଥିଲେ। ସିଙ୍ଗାପୁରର ପତନ ପରେ ଏହି ୬୦୦୦ ଯୁଦ୍ଧବନ୍ଦୀଙ୍କୁ ୧୪ ପଞ୍ଜାବ ରେଜିମେଣ୍ଟର ଜେନେରାଲ ମୋହନ ସିଂହଙ୍କୁ ଫୁଜିଆରା ହସ୍ତାନ୍ତରିତ କରିଥିଲେ। ଏହି ସେନାମାନଙ୍କୁ ନେଇ ୨୧ ଅକ୍ଟୋବର ୧୯୪୩ରେ ଆଜାଦ ହିନ୍ଦ୍ ଫୌଜ ଗଠିତ ହୋଇଥିଲା। ତେବେ ୩ ଜୁଲାଇ ୧୯୪୩ରେ ନେତାଜୀ ଏହି ସେନାବାହିନୀର ଦାୟିତ୍ୱ ଗ୍ରହଣ କରିଥିଲେ। ନେତାଜୀଙ୍କ ନେତୃତ୍ୱରେ ଏହି ସେନାଙ୍କ ମଧ୍ୟରେ ରାମସିଂହ ରହିଥିଲେ। ନେତାଜୀ ରାମସିଂହଙ୍କ ପ୍ରତିଭାକୁ ଚିହ୍ନିପାରିଥିଲେ। ତେଣୁ ସେ ତାଙ୍କୁ ସଂଗୀତ ନିର୍ଦ୍ଦେଶନା ଦେବାକୁ ଉତ୍ସାହିତ କରିଥିଲେ। ନେତାଜୀଙ୍କ ଅନୁରୋଧ କ୍ରମେ ରାମସିଂହ ଆଜାଦ ହିନ୍ଦ ଫୌଜ ପାଇଁ "କଦମ୍ କଦମ୍ ବଢାୟେ ଯା" ପରି ପରେଡ ସଂଗୀତର ସୁର ଦେଇଥିଲେ। ଆଜାଦ ହିନ୍ଦର ରାଣୀ ଝାନ୍‌ସୀ ରେଜିମେଣ୍ଟର ପରେଡ ସଂଗୀତ "ହମ୍ ଭାରତ କୀ ଲଡକୀ ହୈ" ଗୀତଟିକୁ ରାମସିଂହ ଲେଖିଥିଲେ। ଏହାପରେ ଆଜାଦ ହିନ୍ଦ୍‌ର ଜାତୀୟ ସଂଗୀତ "ଶୁଭ ସୁଖ ଚୈନ କେ" ଗୀତର ସ୍ୱର ଦେଇଥିଲେ। ୩୧ ଅକ୍ଟୋବର ୧୯୪୩ରେ ସିଙ୍ଗାପୁରର କ୍ୟାଥି ବିଲଡିଂଠାରେ ପ୍ରଥମକରି ଶୁଭସୁଖ ଚୈନ କେ ଗାଥା, ଭାରତ ଭାଗ୍ୟ ଜାଗା" ଗାନ କରାଯାଇଥିଲା। ରାମସିଂହଙ୍କ ରାଷ୍ଟ୍ରଭକ୍ତିମୂଳକ ସଂଗୀତ ଶୁଣି ନେତାଜୀ ଖୁବ୍ ପ୍ରଭାବିତ ହୋଇ ତାଙ୍କୁ ୧୯୪୪ରେ ସ୍ୱର୍ଣ୍ଣପଦକ ଦ୍ୱାରା ସମ୍ମାନିତ କରିଥିଲେ। ନେତାଜୀ ତାଙ୍କୁ ଏକ ଜର୍ମାନୀ ନିର୍ମିତ ଭାଓଲିନ ଏବଂ ସାକ୍ସୋଫୋନ ପ୍ରଦାନ କରିଥିଲେ। ୨୩ ଜାନୁଆରୀ ୧୯୪୮ରେ ଜେନେରାଲ ଲୋକାନନ୍ଦ ରେଙ୍ଗୁନଠାରେ ନେତାଜୀଙ୍କ ସ୍ୱର୍ଣ୍ଣ ପଦକଟିକୁ ଆନୁଷ୍ଠାନିକ ଭାବେ ରାମ ସିଂହଙ୍କୁ ପ୍ରଦାନ କରିଥିଲେ।

ତତ୍‌କାଳୀନ ବର୍ମାର ରେଙ୍ଗୁନଠାରେ ଆଜାଦ ହିନ୍ଦ୍ ଫୌଜ ବ୍ରିଟେନ ସେନାଙ୍କ ଦ୍ୱାରା ପରାସ୍ତ ହେବା ପରେ ଯବାନମାନଙ୍କୁ ଦିଲ୍ଲୀ କ୍ୟାଣ୍ଟନମେଣ୍ଟକୁ ଅଣାଯାଇ ବନ୍ଦୀ ଭାବେ ରଖାଯାଇଥିଲା। ପରେ ଲାଲକିଲ୍ଲାଠାରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଉତ୍ସବରେ ଜାତୀୟ ସଂଗୀତ ପରିବେଷଣ ପାଇଁ ରାମସିଂହଙ୍କ ଦଳକୁ ନିମନ୍ତ୍ରଣ କରାଯାଇଥିଲା। ତେବେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ଥିଲାବେଳେ କାବୁଲ ଲାଇନଠାରେ ମହାତ୍ମା ଗାନ୍ଧିଙ୍କ ଉପସ୍ଥିତିରେ ଆଜାଦ ହିନ୍ଦ ଫୌଜ ବାହିନୀ ସଂଗୀତ ପରିବେଷଣ କରିଥିଲେ। ୧୯୪୫ରେ କ୍ୟାପଟେନ ରାମସିଂହଙ୍କ ରଚିତ "କଦମ କଦମ୍ ବଢାଏ ଯା" ଗୀତକୁ ବ୍ରିଟିଶ ସରକାର ନିଷେଧ କରିବା ସହ କୋଲକାତାସ୍ଥିତ ବ୍ରିଟିଶ ଗ୍ରାମ୍‌ଫୋନ କମ୍ପାନୀରେ ଗୀତର ରେକର୍ଡିଂକୁ ନିଷେଧ କରିଥିଲେ। କିନ୍ତୁ ୨୯ ଅଗଷ୍ଟ ୧୯୪୭ରେ ସ୍ୱାଧୀନତା ପରେ ନିଷେଧାଦେଶ ଉଠାଇ ନିଆଯାଇଥିଲା। ୧୬ ଅଗଷ୍ଟ ୧୯୪୭ରେ ଲାଲକିଲ୍ଲାରେ ଆୟୋଜିତ ପତାକା ଉତ୍ତୋଳନ ଉତ୍ସବକୁ



Capt. Ramsingh Thakur (INA)

ରାମସିଂହଙ୍କୁ ନିମନ୍ତ୍ରିତ କରାଯାଇଥିଲା। ସେଠାରେ ତାଙ୍କ ଦଳ ଆଜାଦ ହିନ୍ଦ ଫୌଜର ଗୀତ ପରିବେଷଣ କରିଥିଲେ। ପରବର୍ତ୍ତୀ ସମୟରେ କ୍ୟାପଟେନ ରାମସିଂହଙ୍କ ନେତୃତ୍ୱରେ ଏକ ବାଦ୍ୟଦଳ ଗଠିତ ହୋଇଥିଲା। ଯେଉଁଥିରେ ଗଣେଶ ବାହାଦୂର, ଗୁଲାବ ସିଂହ ଥାପା, ଅବତାର ସିଂହ, ରାମସରଣ, ନରବାହାଦୂର ଥାପା ପ୍ରମୁଖ ରହିଥିଲେ। ସର୍ଦ୍ଦାର ପଟେଲ ବାଦ୍ୟଯନ୍ତ୍ର କ୍ରୟ ପାଇଁ ରାମସିଂହଙ୍କୁ ପାଞ୍ଚହଜାର ଟଙ୍କା ପ୍ରଦାନ କରିଥିଲେ। ରାମସିଂହଙ୍କ ଦଳ ଦେଶର ଭିନ୍ନ ଭିନ୍ନ ରାଜ୍ୟରେ ରାଷ୍ଟ୍ରଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଜନଗଣମନକୁ ଛାଡି "ସାରେ ଜହାଁସେ ଆଛା" ପରି ଗୀତର ସ୍ୱର ଦେବା ସହ ରାମସିଂହ ନିଜେ ୩୦ଟି ଗୀତ ରଚନା ମଧ୍ୟ କରିଥିଲେ। ବିମଳ ରାୟଙ୍କ ଚଳଚିତ୍ର "ସିପାହୀ କା ସପନା" ଏବଂ ଶ୍ୟାମ ବେନଗଲଙ୍କ "ଦି ଫରଗଟନ ହିରୋ"ରେ ତାଙ୍କର ସଙ୍ଗୀତ ରହିଛି। ଦୂରଦର୍ଶନ, ଅଲ ଇଣ୍ଡିଆ ରେଡିଓ (ଲକ୍ଷ୍ନୌ) ପାଇଁ ସେ ଅନେକ ସଙ୍ଗୀତ ପ୍ରସ୍ତୁତ କରିଥିଲେ। ନେତାଜୀଙ୍କ ଆଗ୍ରହକ୍ରମେ ସେ ଏକ ସପ୍ତାହ ମଧ୍ୟରେ ଜନଗଣମନର ସହଜ ସରଳ ସଂଗୀତ ପ୍ରସ୍ତୁତ କରିଥିଲେ, ଯାହା ଆଜିଯାଏ ସ୍ମରଣୀୟ ହୋଇ ରହିଛି। ଜନ-ଗଣ-ମନ ବ୍ୟତିରେକ ଆଓ ମିଲକର ଗାୟେ ଗୀତ, ଆଓ ଲହରାୟେଁ ତ୍ରିରଙ୍ଗା ପ୍ୟାରା, ଗୟି ରାତ ଆୟା ପ୍ରଭାତ, ନେତାଜୀ କୀ ୟାଦ୍, ଭାରତମାତା ତୁଝକୋ କରୋ ପ୍ରଣାମ, ଇନ୍ହେ ରାହ ଦୋ, ସବସେ ଉଞ୍ଚା ହୈ, ହଁସତେ ହଁସତେ ଜୀନା, ନେତାଜୀ କା ଫରମାନ୍, ରାଣୀ ଝାନସୀ ବ୍ରିଗେଡ କେ ଗୀତ, ହମ ମୌତ କୋ ବଢକର ଚୁମେଙ୍ଗେ, ଐସେ ଚଲେଙ୍ଗେ, ଚଲୋ ଦିଲ୍ଲୀ ଚଲେ ଆୟେ ଭାଇ, ଇନ୍‌କିଲାବ ଜିନ୍ଦାବାଦ , ରହ ଜାୟେଗା ଫକଟ, କୌମୀ ତିରଙ୍ଗା ଝଣ୍ଡେ, ଜୀତେ ଦେଶ ହମାରା, ଶେରେ ହିନ୍ଦ, ଆଜାଦ ହି ଜୀୟେଙ୍ଗେ ଆଜାଦ ହି ମରେଙ୍ଗେ, ଦିଲ୍ଲୀ ଚଲୋ, ହିନ୍ଦ ସିପାହୀ, ନେତାଜୀ କା ସପନା, ଓ୍ୱ ସାନେ ହିନ୍ଦ ଆଗୟେଁ ଆଦିର ସଂଗୀତ ଦେଇଥିଲେ। ତେବେ ଏକଦା ଏକ ଅଦାଲତ ତାଙ୍କ ରାୟରେ ସେ ଜନ-ଗଣ-ମନର ସଙ୍ଗୀତକାର ନ ଥିଲେ ବୋଲି କହିଥିଲେ। ସେ ସ୍ୱାଧୀନତା ସଂଗ୍ରାମୀ ନଥିବା ନେଇ ସରକାର କହିଥିଲେ। ପରେ ଉତ୍ତର ପ୍ରଦେଶ ସରକାର ତାଙ୍କ ପ୍ରାପ୍ୟ ଅର୍ଥକୁ ଅଟକାଇ ରଖିବା ପରେ ଅଦାଲତରେ ମାମଲା ଉଠିଥିଲା। ଆଲ୍ଲାବାଦ ହାଇକୋର୍ଟ ରାଜ୍ୟ ସରକାରଙ୍କ ଭୂମିକାକୁ ନାପସନ୍ଦ କରି ସମାଲୋଚନା କରିଥିଲେ। ୨୨ ମାର୍ଚ୍ଚ ୧୯୯୬ରେ ମାସିକ ହଜାରେ ଟଙ୍କା ହିସାବରେ ସରକାର ଦେୟ ପ୍ରଦାନ କରିବାକୁ କହିଥିଲେ। ପରେ ତାହା କାର୍ଯ୍ୟକାରୀ ନହେବା ଯୋଗୁ ପୁନର୍ବାର ୧୯ ମଇ ୧୯୯୭ରେ ଅଦାଲତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଥିଲେ।

ରାମସିଂହ ୨୦୦୧ରେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଥିଲେ। ୧୫ ଏପ୍ରିଲ ୨୦୦୨ରେ ୮୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ଉତ୍ତର ପ୍ରଦେଶର ଭୈସାକୁଣ୍ଡଠାରେ ସମ୍ମାନର ସହ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ରାମସିଂହ ତାଙ୍କ ଦକ୍ଷତା ପାଇଁ ଷଷ୍ଠ ଜର୍ଜ ମେଡାଲ (୧୯୩୭), ନେତାଜୀ ସ୍ୱର୍ଣ୍ଣପଦକ (୧୯୪୩), ପ୍ରଥମ ରାଜ୍ୟପାଳ ସ୍ୱର୍ଣ୍ଣପଦକ (୧୯୫୬), ରାଷ୍ଟ୍ରପତି ପୋଲିସ ମେଡାଲ (୧୯୭୨), ଉତ୍ତର ପ୍ରଦେଶ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର (୧୯୭୯), ସିକିମ୍ ସରକାର ମିତ୍ରସେନ ପୁରସ୍କାର (୧୯୯୩), ପ୍ରଥମ ଆଜାଦ ହିନ୍ଦ୍ ଫୌଜ ପୁରସ୍କାର (୧୯୯୬) ଆଦି ଲାଭ କରିଥିଲେ। ୧୯୪୮ରେ ଉତ୍ତର ପ୍ରଦେଶ ସଶସ୍ତ୍ର ପୋଲିସ ସେବା ଦଳରେ ସେ ଜଣେ ଡିଏସପି ଭାବେ ଯୋଗଦେଇ ୧୯୭୪ରେ ଅବସର ନେଇଥିଲେ। ତାଙ୍କ ଜୀବନବ୍ୟାପୀ ସାଧନା ପାଇଁ ଉତ୍ତର ପ୍ରଦେଶ ସରକାର ତାଙ୍କୁ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ରମେଶ ଏବଂ ଉଦୟ ଶଙ୍କର ଠାକୁର ନାମରେ ତାଙ୍କର ଦୁଇପୁତ୍ର ଓ ପତ୍ନୀ ପ୍ରେମୁ ଠାକୁର ରହିଛନ୍ତି।

ଜନ-ଗଣ-ମନ ସଙ୍ଗୀତ ଗାନ ସମୟରେ କେଉଁଠି କେବେ ଗୀତିକାର ଓ ସଂଗୀତକାରଙ୍କ ବିଷୟରେ କେହି ଆଲୋଚନା କରନ୍ତି ନାହିଁ। ଜାତୀୟ ସଂଗୀତ ଘୋଷଣା ପରେ ଏହାକୁ ଯେମିତି ଜାତୀୟ ସଂପତ୍ତି ମନେକରି ଏହାର ଦୁଇ ସ୍ରଷ୍ଟାଙ୍କ ବିଷୟରେ ଆଲୋଚନା କରାଯାଉନାହିଁ ତାହା ନିରାଶାଜନକ। ଅନ୍ୟ ସମସ୍ତ ସଂଗୀତ ଗାନ ପରି ଜାତୀୟ ସଂଗୀତ ଗାନ ପୂର୍ବରୁ ଏହାର ଗୀତିକାର ଏବଂ ସଙ୍ଗୀତକାରଙ୍କ ସଂପର୍କରେ ସଂକ୍ଷେପରେ ଆଲୋଚନା ହେଲେ ତଥ୍ୟ ଓ ସତ୍ୟକୁ ଜାଣିବା ସମସ୍ତଙ୍କ ପାଇଁ ସୁବିଧାଜନକ ହେବ ବୋଲି ଆମର ମତ।

*-ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩*

# ସ୍ଥାନୁମାଳୟ ମନ୍ଦିର, ତାମିଲନାଡୁ

**------------ଶରତ କୁମାର ରାଉତ------------**



ସ୍ଥାନୁମାଳୟ ମନ୍ଦିର ବା ସୁଚିନ୍ଦ୍ରମ ଶକ୍ତିପୀଠ ହିନ୍ଦୁମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଗୋଟିଏ। ଏହି ମନ୍ଦିର ବା ଶକ୍ତିପୀଠ ଭାରତର ତାମିଲନାଡୁ ରାଜ୍ୟ ଅନ୍ତର୍ଗତ କନ୍ୟାକୁମାରୀରେ ଅବସ୍ଥିତ। ସୁଚିନ୍ଦ୍ରମରେ 'ସୁଚି' ଶବ୍ଦ ସଂସ୍କୃତରୁ ନିଆ ଯାଇଛି, ଯାହାର ଅର୍ଥ 'ଶୁଦ୍ଧ' ହେବା। ସୁଚିନ୍ଦ୍ରମ ଶକ୍ତିପୀଠକୁ ଠାଉଁ ମାଲୟନ ବା ସ୍ଥାନୁମାଳୟ ମନ୍ଦିର ମଧ୍ୟ କୁହାଯାଏ।

ଏହି ମନ୍ଦିର ସାତ ମହଲା ବିଶିଷ୍ଟ, ଯାହାର ଧଳା ଫର ଫର ଗୋପୁରମ୍ ବହୁ ଦୂରରୁ ମଧ୍ୟ ଦେଖାଯାଇଥାଏ। ଏହି ମନ୍ଦିରର ନିର୍ମାଣ ୧୭ ଶହ ଶତାବ୍ଦୀରେ କରାଯାଇଥିଲା। ସୁଚିନ୍ଦ୍ରମ ଶକ୍ତିପୀଠ ଓ ମନ୍ଦିର ଭିତରେ ନିର୍ମିତ ହିନ୍ଦୁ ଦେବୀ ଦେବତାଙ୍କ ମୂର୍ତ୍ତି ପାଇଁ ବେଶ୍ ପ୍ରସିଦ୍ଧ। ମନ୍ଦିରର ପ୍ରବେଶ ଦ୍ୱାର ପ୍ରାୟ ୨୪ ଫୁଟ୍ ଉଚ୍ଚତା ବିଶିଷ୍ଟ, ଯାହାର କବାଟରେ ଅତି ସୁନ୍ଦର କାରୁକାର୍ଯ୍ୟ କରାଯାଇଛି। ଏହି ମନ୍ଦିର ବହୁସଂଖ୍ୟାରେ ବୈଷ୍ଣବ ଓ ଶୈବ ଉଭୟଙ୍କୁ ଆକର୍ଷିତ କରିଥାଏ। ମନ୍ଦିର ପରିସରରେ ବିଭିନ୍ନ ଦେବୀ-ଦେବତା ମାନଙ୍କ ପାଇଁ ପ୍ରାୟ ୩୦ଟି ମନ୍ଦିର ରହିଛି। ସେଗୁଡ଼ିକ ମଧ୍ୟରେ ପବିତ୍ର ସ୍ଥାନରେ ବଡ଼ ଲିଙ୍ଗ, ଆସନ୍ନ ମନ୍ଦିରରେ ବିଷ୍ଣୁଙ୍କ ମୂର୍ତ୍ତି ଓ ଉତ୍ତର ଦିଗରେ ଗଳି ରାସ୍ତାରେ ପୂର୍ବ ଆଡ଼କୁ ହନୁମାନଙ୍କର ଏକ ବିଶାଳ ମୂର୍ତ୍ତି ରହିଛି। ଏହି ମନ୍ଦିର ହିନ୍ଦୁ ଧର୍ମର ପ୍ରାୟ ସମସ୍ତ ଦେବୀ-ଦେବତା ମାନଙ୍କର ପ୍ରତିନିଧିତ୍ୱ କରିଥାଏ। ମନ୍ଦିରର ମୁଖ୍ୟ ଦେବତା ଭଗବାନ ଶିବ, ଭଗବାନ ବିଷ୍ଣୁ ଓ ଭଗବାନ ବ୍ରହ୍ମାଙ୍କୁ ଗୋଟିଏ ରୂପରେ ସ୍ତରନୁମଲ୍ୟାମ୍ କୁହାଯାଏ। ସ୍ତରନୁମଲ୍ୟାମ୍ ତିନି ଦେବତାଙ୍କୁ ଦର୍ଶାଇଥାଏ, ଯେଉଁଥିରେ 'ସ୍ଥାନୁ'ର ଅର୍ଥ 'ଶିବ', 'ମାଲ୍'ର ଅର୍ଥ 'ବିଷ୍ଣୁ' ଓ 'ଆୟନ'ର ଅର୍ଥ 'ବ୍ରହ୍ମା'ଅଟେ। ଭାରତର ମନ୍ଦିର ମାନଙ୍କ ମଧ୍ୟରେ ଏହା ଗୋଟିଏ ରହିଛି, ଯେଉଁଠି ତ୍ରିମୂର୍ତ୍ତି ଓ ତିନି ଦେବତାଙ୍କର ପୂଜା ଗୋଟିଏ ମନ୍ଦିରରେ କରା ଯାଇଥାଏ।



ଏହି ମନ୍ଦିର ମାତାଙ୍କ ଶକ୍ତିପୀଠମାନଙ୍କ ମଧ୍ୟରେ ଅନ୍ୟତମ। ଏହି ମନ୍ଦିରରେ ଶକ୍ତିଙ୍କୁ ନାରାୟଣୀ ରୂପରେ ପୂଜା କରାଯାଏ ଓ ଭଗବାନ ଭୈରବଙ୍କୁ ସଂହାର ଭୈରବ ରୂପରେ ପୂଜା କରାଯାଏ।



ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ ଭରତୀୟ ଉପମହାଦେଶରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହା ଶକ୍ତିପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ତେବେ ଏହି ଶକ୍ତିପୀଠମାନଙ୍କ ମଧ୍ୟରେ"ସୁଚିନ୍ଦ୍ରମ ଶକ୍ତିପୀଠ ଅନ୍ୟତମ। ଶକ୍ତିପୀଠଗୁଡ଼ିକର ସୃଷ୍ଟି ସଂପର୍କରେ ପୁରାଣ ବର୍ଣ୍ଣିତ ଏକ ଚମକପ୍ରଦ କାହାଣୀ ରହିଛି। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଞ୍ଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱଂୟ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମରଶରୀର ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା।

ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ



ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ତାମିଲନାଡୁର ସୁଚିନ୍ଦ୍ରମ ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଯେଉଁ ସ୍ଥାନରେ ମାତା ସୁଚିନ୍ଦ୍ରମଙ୍କ ଶକ୍ତିପୀଠ ରହିଛି, ଏଠାରେ ମାତା ସତୀଙ୍କର 'ଉପର ଦାନ୍ତ' ଖଣ୍ଡ ପଡ଼ିଥିଲା।

ପୌରାଣିକ କଥା ଅନୁସାରେ ଦେବତାମାନଙ୍କର ରାଜା ଇନ୍ଦ୍ରଙ୍କୁ ମହର୍ଷି ଗୌତମଙ୍କ ଦ୍ୱାରା ଦିଆଯାଇଥିବା ଅଭିଶାପରୁ ଏହି ସ୍ଥାନରେ ମୁକ୍ତି ମିଳିଥିଲା। ସୁଚିନ୍ଦ୍ରମ ଶକ୍ତିପୀଠରେ ସମସ୍ତ ପର୍ବ ପାଳନ କରାଯାଏ। ବିଶେଷ କରି ଶିବରାତ୍ରୀ, ଦୁର୍ଗାପୂଜା ଓ ନବରାତ୍ର ପର୍ବରେ ସ୍ୱତନ୍ତ୍ର ପୂଜାର ଆୟୋଜନ ହୋଇଥାଏ। କିନ୍ତୁ ଏଠାରେ ଦୁଇଟି ପ୍ରମୁଖ ପର୍ବ ପାଳିତ ହୋଇଥାଏ, ଯାହା ଏହି ମନ୍ଦିରର ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟି ଥାଏ। ସେହି ପର୍ବ ହେଲା, 'ସୁଚିନ୍ଦ୍ରମ ମର୍ଗଲୀ ପର୍ବ' ଓ 'ରଥଯାତ୍ରା'। ଏହି ଉତ୍ସବ ପାଳନ ବେଳେ କେତେକ ଭକ୍ତ ଓ ଶ୍ରଦ୍ଧାଳୁ ଭଗବାନଙ୍କ ପୂଜା ପ୍ରତି ସମ୍ମାନ ଓ ସମର୍ପଣ ରୂପରେ 'ବ୍ରତ' (ଉପବାସ) ରଖିଥାନ୍ତି। ଏହି ସମୟରେ ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ଲାଇଟ୍ ଦ୍ୱାରା ସଜାଯାଇଥାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନ-ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ।

*-ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮*




# ଗରିବଙ୍କ ପ୍ରତି ପ୍ରଶାସନର ଉପହାସ, ମିଳିନି ଆବାସ ଯୋଜନାରେ ବାସଗୃହ, ମିଳିଛି ଫଳକ

ଖଣ୍ଡପଡା, (ପି.ଏନ): ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ପରିବାରବର୍ଗଙ୍କୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଓ ରାଜ୍ୟ ସରକାର ବିଜୁ ପକ୍କା ଘର ଯୋଜନାରେ ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ମାତ୍ର ଏହି ଯୋଜନାରୁ ବଂଚିତ ହୋଇଥିବା ଜଣେ ଗରିବ ହିତାଧିକାରୀଙ୍କ ଘରେ ଆବାସ ଯୋଜନା ସଂପର୍କୀତ ଏକ ଫଳକ ଲଗାଇବା ନିମନ୍ତେ କୁମ୍ଭାରପଡା ପଂଚାୟତ କର୍ତୃପକ୍ଷ ଏକ ଫଳକ ପ୍ରଦାନ କରିବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହା ଗରିବ ପରିବାର ପ୍ରତି ବ୍ଲକ ପ୍ରଶାସନର ଉପହାସ ଅଟେ ବୋଲି ସାଧାରଣରେ ଆଲୋଚନା ହେଉଛି । ଘଟଣାଟି ଏହିପରି ଅଟେ । ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଗ୍ରାମ ମଙ୍ଗଳାସାହିର ରୀନାରାଣୀ ନାଏକ ସପରିବାର ସହ ଏକ ଝାଟିମାଟି ଭଙ୍ଗା କୁଡିଆରେ ରହୁଛନ୍ତି । ଆବାସ ଯୋଜନାରେ ବାସଗୃହଟିଏ ପାଇବା ପାଇଁ ରୀନାରାଣୀ ବାରମ୍ବାର ପଂଚାୟତ କର୍ତୃପକ୍ଷ ଓ ସ୍ଥାନୀ ଯସରପଂଚଙ୍କୁ ଜଣାଇ ଥିଲେ ହେଁ କେହି ହେଲେ ତାଙ୍କର ଦୁଃଖ ଶୁଣି ନଥିବା ସେ ପ୍ରକାଶ କରିଛନ୍ତି । ଗତ କିଛି ଦିନ ତଳେ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଙ୍ଗଳା ସାହିକୁ ଯାଇ ରୀନାରାଣୀଙ୍କ ପରିବାରବର୍ଗଙ୍କୁ ଭେଟି ଆବାସ ଯୋଜନା ସଂପର୍କୀତ ସୂଚନା ଫଳକଟିକୁ ପ୍ରଦାନ କରିବା ସହ ଘରର କାନ୍ଥରେ ଲଗାଇ ଦେବାକୁ ପାଇଁ କହିଥିଲେ । ମାତ୍ର ଆବାସ ଯୋଜନାରେ ଗୃହତ ମିଳିନି, ସୂଚନା ଫଳକଟିକୁ କଣ ଝାଟିମାଟି ଘରର କାନ୍ଥରେ ମାରିବିକି ବୋଲି ରୀନାରାଣୀ କହିବାରୁ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଫଳକଟିକୁ ଧରାଇ ଦେଇ ସେଠାରୁ ଚାଲି ଆସିଥିବା ଅଭିଯୋଗ ହେଉଛି । ଏବେ ରୀନାରାଣୀ ଫଳକଟିକୁ ଘରେ ସାଇତି ରଖିଥିବା ବେଳେ କେବେ ଆଉ ତାଙ୍କୁ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । କୁମ୍ଭାରପଡା ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀନିବାସ ବେହେରାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ନଉଠାଇବାରୁ ତାଙ୍କ ପ୍ରତିକ୍ରୀୟା ମିଳି ପାରିନାହିଁ । ଖଣ୍ଡପଡା ବିଡିଓ ଓ ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପ୍ୟାକ୍ କମ୍ପ୍ୟୁଟର କରଣରେ ଶିମିଳିପୁର ସେବାସମିତି ଅଗ୍ରଣୀ ଭୂମିକା ଗ୍ରହଣ କରିଛି

ବାଙ୍କୀ,୬।୧୨:କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡ ଶିମିଳିପୁର ଠାରେ ଅବସ୍ଥିତ । ଶିମିଳିପୁର ପ୍ରାଥମିକ ସେବା ସମବାୟ ସମିତି ଏକ ଆଦର୍ଶ ସମିତି ରୂପେ ପରିଗଣିତ । ବିଶେଷ କରି ରାଜ୍ୟର ସମସ୍ତ ପ୍ରାଥମିକ କୃଷିରଣ ସମବାୟ ସମିତି ମଧ୍ୟରୁ ଶିମିଳିପୁର ସେବା ସମବାୟ ସମିତି ସର୍ବପ୍ରଥମ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟରାଇଜସନରେ ଶତପ୍ରତିଶତ ସଫଳ ହୋଇ ଅଦ୍ୟାବଧି (ରିଅଲ୍ ଟାଇମ୍ ବେସିସ୍)ରେ କାର୍ଯ୍ୟକରିବା ସହିତ ସମିତିର ସମସ୍ତ ବ୍ୟବସ୍ଥା କମ୍ପ୍ୟୁଟରଜାଇସେନ୍ କରିପାରିଛି ବୋଲି ସମଗ୍ର ରାଜ୍ୟରେ ଶିମିଳିପୁର ସେବାସମବାୟସମିତି ଏକ ଶ୍ରେଷ୍ଠ ଉଦାହରଣ ରୂପେ ପରିଗଣିତ ହୋଇଛି ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି ।

## ଲଗାଣ ବର୍ଷାରେ ଉଜୁଡି ଗଲା ଧାନ, ପନି ପରିବା ଓ ରବି ଫସଲ, ସହାୟତା ଦାବି

ଖଣ୍ଡପଡା: ବାତ୍ୟାର ପ୍ରଭାବରେ ଶନିବାର ମଧ୍ୟ ରାତ୍ରରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି । ଲଗାଣ ବର୍ଷା ଜନ ଜୀବନକୁ ପ୍ରଭାବିତ କରିଥିବା ବେଳେ ଧାନ, ପନି ପରିବା ଓ ରବି ଫସଲ ଉଜୁଡି ଯିବାର ଆଶଙ୍କା ପ୍ରକାଶ ପାଇଛି । ଏକର ଏକର ଜମିରେ ଧାନ ଫସଲ ପାଣିରେ ଭିଜୁଛି । ଖଣ୍ଡପଡା ବ୍ଲକ ଅଂଚଳର ଅଧିକାଂଶ ଇଲାକାରେ ଚାଷୀମାନେ ଧାନ କାଟି ଜମିରେ ପକାଇଥିବା ବେଳେ ଲଗାଣ ବର୍ଷା ଧାନ ଫସଲ ଅମଳରେ ବାଧକ ସାଜିଛି । ସେହିପରି ଖଳା ବାରିରେ ହଜାର ହଜାର ଧାନ କଳେଇ ବର୍ଷାରେ ଭିଜୁଥିବାରୁ ପାଚିଲା ଧାନ ଗଜା ହୋଇଯିବାର ସମ୍ଭାବନା ରହିଛି । ଅଦିନିଆ ବର୍ଷା ଚାଷୀକୂଳଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ଚଳିତ ବର୍ଷ ଅନିୟମିତ ବୃଷ୍ଟିପାତ, ବାତ୍ୟା ବନ୍ୟା ପରିସ୍ଥିତି ଯୋଗୁଁ ଖଣ୍ଡପଡା ବ୍ଲକ ଅଧିନ ଗୁଣ୍ଠୁଣି, ଶାଳଝରିଆ, ଜଗନ୍ନାଥପ୍ରସାଦ, ବନମାଳୀପୁର, ରାଣୀଛେଲ୍ଲୀ, ବୋଦସା, ବେଣାଗାଡିଆ, ସିଧାମୂଳା, ଗଡିଆସାହି, କୋସକା ପଭୃତି ପଂଚାୟତ ଅଂଚଳର ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଧାନ ଫସଲ ସାଙ୍ଗକୁ ପନିପରିବା ଓ ରବି ଫସଲ ମଧ୍ୟ ବର୍ଷା ଯୋଗୁଁ ନଷ୍ଟ ହୋଇ ଯାଇଥିବାରୁ ଗାଁ ଗଣ୍ଡାର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ନଦୀ ତଟବର୍ତୀ ଚାଷଜମି ଓ ଖାଲୁଆ ଅଂଚଳରେ ଥିବା ଜମି ଗୁଡିକରେ ବର୍ଷା ଜଳ ଜମି ରହିଛି । ବର୍ଷା ଭିଜା ଧାନ କଳେଇରୁ ଧାନ ଅମଳ କରିବା ଚାଷୀଙ୍କ ପକ୍ଷେ କଷ୍ଟସାଧ୍ୟ ମନେ ହେଉଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ଆନୁସଙ୍ଗିକ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡା ବ୍ଲକ କୃଷି ଅଧିକାରୀ, ରାଜସ୍ୱ ନୀରିକ୍ଷକ ମାନେ ବିଭିନ୍ନ ଅଂଚଳକୁ ପରିଦର୍ଶନରେ ଯାଇ କ୍ଷୟକ୍ଷତିର ଆକଳନ କରି ସହାୟତା ପ୍ରଦାନ ନିମନ୍ତେ ତ୍ୱରିତ ରିପୋର୍ଟ ପ୍ରଦାନ କରିବାକୁ ଦାବି ହେଉଛି ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଆନନ୍ଦପୁର: କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ସହକାରୀ ବନ ସଂରକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କର ପଦୋନ୍ନତି ହୋଇ ବନଖଣ୍ଡ ଅଧିକାରୀ, ପାଟଣାଗଡ କେନ୍ଦୁପତ୍ର ବନଖଣ୍ଡ ବଲାଙ୍ଗିରକୁ ରାଜ୍ୟ ସରକାରଙ୍କ ତରଫରୁ ବଦଳି ନିର୍ଦ୍ଦେଶ ହୋଇଥିବାରୁ ଶ୍ରୀଯୁକ୍ତ ସେଠୀଙ୍କୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁରର ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥି ସମ୍ବର୍ଦ୍ଧିତ କରି ତାଙ୍କର ସଫଳ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ମଲ୍ଲିକ, ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର ହେମ୍ବ୍ରମ, ଶ୍ରୀମତୀ ସୁମନ ମାଝୀ, ବଡବାବୁ ରବିନାରାୟଣ ଶିୟାଳ, କିରାଣୀ ଶରତ ବାରିକ, ହିମାଂଶୁ ବଳ, ଜ୍ୟୋତି ଚକ୍ର, ଫରେଷ୍ଟର ନବ କିଶୋର ନାଏକ, ମଳୟ କୁମାର ସାହୁ, ବୁଦ୍ଧଦେବ ସାହୁ, ଦାଶରଥି ବେଜ, ଫରେଷ୍ଟଗାର୍ଡ ରଂଜନ ବେହେରା, ମଧୁସୂଦନ ସାହୁ, ଧିରେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରୀଯୁକ୍ତ ସେଠୀଙ୍କର ଲୋକପ୍ରିୟତା ଓ ପ୍ରଶାସନିକ ଦକ୍ଷତାକୁ ପ୍ରଶଂସା କରିଥିଲେ ।

## ମିଳୁନି ଆବାସ : ଲଗାଣ ବର୍ଷାରେ ଭଙ୍ଗା ଛପର କୁଡିଆରେ ପରିବାର

ଘଷିପୁରା:୬/୧୨(ଆ.ପ୍ର.):ଘଷିପୁରା ବ୍ଲକ ଦରଡିପାଳ ପଂଚାୟତ ଟୋଲଙ୍କନାଣ୍ଡି ଗ୍ରାମର ସାରଳା ଦାସଙ୍କ ପରିବାର ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି । ପ୍ରତି ବର୍ଷ ବନ୍ୟା ଆସିଲେ ସାରଳା ଦାସ ପରିବାରଙ୍କୁ ସ୍କୁଲ ଘରେ ଥଇଥାନ କରାଯାଇ ଥାଏ । ବାତ୍ୟା ଟଳିଲେ ଯେଉଁ କୁଡିଆକୁ ସେଇ କୁଡିଆ । ଆବାସ ହିତାଧିକାରୀ ତାଲିକାରେ ତାଙ୍କ ନାମ ପ୍ରଥମ ସ୍ଥାନରେ ଥିଲେ ମଧ୍ୟ ତାଙ୍କର ପକ୍କାଘର ଅଛି ବୋଲି କହି ସରକାରୀ ରିପୋର୍ଟରେ ଦର୍ଶାଇ ଆବାସ ଯୋଜନାରୁ କାଟି ଦିଆଯାଉଛି । ମାତ୍ର ସାରଳା ଦାସଙ୍କ ପ୍ରକୃତ ତଥ୍ୟ ଗତ ଜୁନ୍ ମାସ ୩୦ତାରିଖରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଘଷପୁରା ବିଡିଓ ଅସିତ ମହାନ୍ତି ଏହାର ତଦନ୍ତ କରି ସାରଳା ଦାସ ଆବାସ ପାଇବା ପାଇଁ ଯୋଗ୍ୟ ବିବେଚିତ ବୋଲି ଜଣାପଡିଥିଲା ଏବଂ ମାସକ ମଧ୍ୟରେ ଆବାସ ଦେବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଅଦ୍ୟାବଧି ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ । ସାରଳା ଦାସ ବହୁବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇ ଫେରିଛନ୍ତି । ସେହି ଗ୍ରାମର ସାରଳା ଦାସଙ୍କ ସମେତ ଦୁର୍ଯ୍ୟୋଧନ ପରିଡା, ଘନଶ୍ୟାମ ପାତ୍ର, ନିତ୍ୟାନନ୍ଦ ପାତ୍ର, ଗୋଲାପ ପଲେଇ, ସୁଲୋଚନା ପଲେଇ, ମୂଲତା ପଲେଇ, ଦୁର୍ଯ୍ୟୋଧନ ପଲେଇ, ବୃନ୍ଦାବନ ପଲେଇ, ଯଦୁନାଥ ପାତ୍ର ମଧ୍ୟ ଆବାସରୁ ବଂଚିତ ରହିଛନ୍ତି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବାଙ୍କୀ ପ୍ରେସକ୍ଲବ ପକ୍ଷରୁ ସ୍ୱର୍ଗତ ଡଃ.ରାଧାନାଥ ରଥଙ୍କ ୧୨୬ତମ ଜନ୍ମ ଜୟନ୍ତୀ

ବାଙ୍କୀ: ପ୍ରତ୍ୟେକ ବର୍ଷଭଳି ଚଳିତ ବର୍ଷ ସମାଜର ପୂର୍ବତନ ସଂପାଦକ ଡଃ.ସ୍ୱର୍ଗତ ରାଧାନାଥ ରଥଙ୍କ ୧୨୬ତମ ଜନ୍ମ ଜୟନ୍ତୀ ନିରାଡମ୍ବର ଭାବେ ବାଙ୍କୀ ପ୍ରେସକ୍ଲବ ବିଦ୍ୟାରନ୍ ଭବନ ଠାରେ ପାଳିତ ହୋଇଯାଇଛି । ଏଥିରେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡାଙ୍କ ସଂଚାଳନରେ ସ୍ୱର୍ଗତ ରଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏଥିରେ ବାଙ୍କୀ ଓକିଲ ସଂଘ ସଭାପତି ଗୌରୀଶଙ୍କର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଓକିଲ ସଂଘର ଉପସଭାପତି ସନ୍ତୋଷ କୁମାର ରଣା, ବାଙ୍କୀ କଲେଜ ଉପାଧକ୍ଷ ମନୋଜ କୁମାର ମହାପାତ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ସଂପାଦକ ସୁବାସ ଚନ୍ଦ୍ର ପାଢୀ,ସହ ସଂପାଦକ ବିଭୂ ପ୍ରସାଦ ସାମଲ, ସାମ୍ବାଦିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର,ଶରତ ଚନ୍ଦ୍ର ବାରିକ, କ୍ଷେତ୍ରବାସୀ ଦାଶ, ଗୌରାଙ୍ଗ ବେହେରା, ଗୌତମ ମିଶ୍ର, ବାଙ୍କୀ ପୂଜ୍ୟପୂଜା ଅଭିଯାନର ସଭାପତି ସୁନୀଲ କୁମାର ମିଶ୍ର, ଅଇନଜୀବୀ ବର୍କ୍ସି ସୁଧାଂଶୁ ରଞ୍ଜନ ପଟ୍ଟନାୟକ,ସ୍ୱର୍ଗତ ଡଃ.ରାଧାନାଥ ରଥ ଜଣେ ସମାଜ ସଂସ୍କାରକ, ଅମାୟିକ, ତଥା ସମଗ୍ର ରାଜ୍ୟରେ ସାମ୍ବାଦିକ କ୍ଷେତ୍ରରେ ବେଶ୍ ପରିଚିତ ଥିଲେ ବୋଲି ବକ୍ତାମାନେ ନିଜର ମତ ରଖିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଲଟାବୁଦାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି




ହାଟଡିହି:(ପି.ଏନ):ଓଡିଶା ରାଜ୍ୟରେ ରାଜ୍ୟ ସରକାର ବିଜୁବାବୁଙ୍କ ନାମରେ ଯୋଜନା ମାଳ ମାଳ କରୁଥିବା ବେଳେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଦୁର୍ବଳ ହୋଇ ପଡିଛି । ବିଜୁବାବୁଙ୍କ ନାମରେ ଯୋଜନା ହିତାଧିକାରୀଙ୍କ ପାଇଁ ଲୋଡା ଥିବାବେଳେ ପ୍ରତିମୂର୍ତ୍ତି ଅଲୋଡା ହୋଇ ପଡିଛି । ହାଟଡିହି ବ୍ଲକର ପ୍ରତ୍ୟେକ ପଂଚାୟତରେ ବିଜୁବାବୁଙ୍କ ନାମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନ କରାଯାଉଛି । ଜମ୍ବୀରା ପଂଚାୟତରେ ସ୍ମାର୍ଟ ହେଲ୍ଥ କାର୍ଡ କରାଯାଉଥିବା ବେଳେ ମାତ୍ର ଆମ ଗାଁ ଆମ ବିକାଶ ଗୃହ ସମ୍ମୁଖରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଲଟା ବୁଦାରେ ଲୁଚି ଯାଉଥିବା ଦେଖିବାକୁ ମିଳିଛି । କମ୍ବୀରା ପଂଚାୟତରେ ବିଏସକେଓ୍ୱାଇ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ ସଭାରେ ବିଜୁବାବୁଙ୍କ ଫଟୋଚିତ୍ରରେ ଫୁଲମାଳ, ଧୂପଦେଇ ପ୍ରଣାମ କରୁଥିବା ଦେଖିବାକୁ ମିଳିଥିଲା । କିନ୍ତୁ ପରିତାପର ବିଷୟ ସଭା ଠାରୁ ମାତ୍ର ୧୦୦ମିଟର ଦୂରରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉପରେ କାହାର ନଜର ପଡିନଥିବା ଦେଖିବାକୁ ମିଳିଥିଲା । ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଗୋଟିଏ ଅଙ୍ଗୁଳି, ଚଷମା ନଥିବା ବେଳେ ସମ୍ପୂର୍ଣ୍ଣ ରଙ୍ଗ ଛାଡି ଯାଇଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟରେ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ପଂଚାୟତ ବିଜୁ ଜନତା ଦଳର ସଭାପତିଙ୍କ ସହ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ଥିଲେ ମଧ୍ୟ କାହାର ଦୃଷ୍ଟି ପ୍ରତିମୂର୍ତ୍ତି ଉପରେ ନ ପଡିବା ପ୍ରଶାସନିକ ଅଧିକାରୀ ଓ ବିଜୁ ଜନତା ଦଳର କର୍ମୀମାନଙ୍କ ଦାୟୀତ୍ୱବୋଧ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବି.ଏନ୍. ହାଇସ୍କୁଲରୁ ଏନ୍‌ସିସି ପାଠ୍ୟକ୍ରମ ପ୍ରତ୍ୟାହାର ଆଶଙ୍କା



ଆନନ୍ଦପୁର:(ପି.ଏନ):ମାନ୍ୟବର ୫-ଟି ସଚିବଙ୍କ ଦ୍ୱାରା ନଭେମ୍ବର ୧୪ତାରିଖରେ କେନ୍ଦୁଝର ଜିଲ୍ଲାରେ ୧୦୦ ଗୋଟି ସ୍କୁଲକୁ ରୂପାନ୍ତରୀଣ କରି ୫-ଟି ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଆନନ୍ଦପୁର ସ୍ଥିତ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ମାତ୍ର ପରିତାପର ବିଷୟ ଆନନ୍ଦପୁରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ପାଠ୍ୟକ୍ରମ ବନ୍ଦ ହେବାର ଆଶଙ୍କା ସୃଷ୍ଟି କରିଛି । ୭ମ ଓଡିଶା ବିଏନ୍ ଏନ୍‌ସିସି ଉଦ୍ରକ ଚିଠି ସଂଖ୍ୟା ୩୭/ଏ/ ଏନ୍‌ସିସି/୨୦୨୧/୨୨ ଅନୁଯାୟୀ ବିଏନ୍ ହାଇସ୍କୁଲର ସିଟିଓ (କେୟାର ଟେକର ଅଫିସର)ଙ୍କ ଦ୍ୱାରା ଆବଶ୍ୟକ କାଗଜପତ୍ର ୧୫ ଡିସେମ୍ବର ସୁଦ୍ଧା ଦାଖଲ କରାନଗଲେ ବିଏନ୍ ହାଇସ୍କୁଲରୁ ଏନ୍‌ସିସି ପାଠ୍ୟକ୍ରମକୁ ପ୍ରତ୍ୟାହାର କରିନିଆଯିବ ବୋଲି ନିର୍ଦ୍ଦେଶନାମା ରହିଛି । ପୂର୍ବରୁ ହ୍ୱାଟ୍ସଆପ ମେସେଜ ଜରିଆରେ ନଭେମ୍ବର ୨୨ତାରିଖ ସୁଦ୍ଧା ଆବଶ୍ୟକ କାଗଜପତ୍ର ଦାଖଲ ପାଇଁ ପରାମର୍ଶ ଦିଆଯାଇଥିଲା । ହେଲେ ଏହା କାର୍ଯ୍ୟକାରୀ ହୋଇପାରି ନଥିବାରୁ ପୁନର୍ବାର ଚିଠି ଦ୍ୱାରା ଆବଶ୍ୟକ କାଗଜପତ୍ର ଦାଖଲ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ ୨୦୨୦ ଡିସେମ୍ବରରୁ ବିଏନ୍ ହାଇସ୍କୁଲର ଏନ୍‌ସିସି ଶିକ୍ଷକ ପଦବୀ ଖାଲି ରହିଥିବା ବେଳେ ଘଷିପୁରା ବ୍ଲକ ଗଡବାନ୍ଧଗୋଡା ବିଦ୍ୟାଳୟର ଶିକ୍ଷକ ସୌମ୍ୟ ରନ ସାହୁଙ୍କୁ ୨୦୨୧ ଜାନୁଆରୀ ୨୭ ତାରିଖରେ ଏଠାରେ ପୂର୍ବକାଳୀନ ଡେପୁଟେସନ୍‌ରେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଶିକ୍ଷକ ଶ୍ରୀ ସାହୁ ବିଏନ୍ ହାଉସ୍କୁଲରେ ସିଟିଓ ଭାବେ ଦାୟିତ୍ୱରେ ରହିଛନ୍ତି । ୭ମ ଓଡିଶା ବିଏନ୍ ଏନସିସି ଉଦ୍ରକ ପକ୍ଷରୁ ଆବଶ୍ୟକ କାଗଜପତ୍ର ଡିସେମ୍ବର ୧୫ତାରିଖ ମଧ୍ୟରେ ପୁରୁଷ ସିଟିଓମାନେ ଫର୍ମ ନଂ ୩ ସହିତ ମାଟ୍ରିକ୍ ପ୍ରମାଣପତ୍ର, ପାସ୍‌ପୋର୍ଟ ଫଟୋ, ନିୟମିତ ଶିକ୍ଷଖ ପ୍ରମାଣପତ୍ର ଦାଖଲ ନକଲେ ସିଟିଓ ନିଯୁକ୍ତିକୁ ବାତିଲ କରାଯିବ ବୋଲି କୁହାଯାଇଛି । ତେବେ ବିଏନ୍ ହାଇସ୍କୁଲରେ ଦାୟୀତ୍ୱରେ ଥିବା ସିଟିଓଙ୍କୁ ପ୍ରଶାସନିକ ସ୍ତରରେ ସମ୍ପୃକ୍ତ ବିଦ୍ୟାଳୟର ନିୟମିତ ଶିକ୍ଷକ କରାଯାଇଥିବା ସୂଚନା ମିଳିଥିଲେ ମଧ ଏ ସମ୍ପର୍କିତ କାଗଜପତ୍ର ହସ୍ତାନ୍ତର ହୋଇନଥିବା ସଙ୍କଟମୟ ପରିସ୍ଥିତି ସୃଷ୍ଟି କରିଛି । ଏ ନେଇ ପୁରାତନ ଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାପାଳ ଓ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପୁରାତନ ଛାତ୍ରମାନେ ଦାବି କରିଛନ୍ତି ।

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# କୋଣାର୍କ ଉତ୍ସବ-୨୦୨୧ ଅବସରରେ ଗଣଦୌଡ



କୋଣାର୍କ (ପିଏନ୍)- କୋଣାର୍କ ଉତ୍ସବ-୨୦୨୧ ଉପଲକ୍ଷେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ବସନ୍ତ ମଞ୍ଜରୀ ପାଠାଗାର ମିଳିତ ଆନୁକୂଲ୍ୟରେ କୋଭିଡ କଟକଣା ମଧ୍ୟରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଗୋପ ତହସିଲଦାର ସେକ୍ ସାଗିର, ବସନ୍ତମଞ୍ଜରୀ ପାଠାଗାର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହୀନିପତି, ନେହେରୁ ଯୁବକେନ୍ଦ୍ର ପୁରୀର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଗଣଦୌଡରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ୧୦୦ଜଣ ସାମିଲ ହୋଇଥିଲେ । ସକାଳ ୮ଟାରେ ଏହି ଗଣଦୌଡ଼ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରୁ ବାହାରି ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ । ସୂର୍ଯ୍ୟମନ୍ଦିର ସମ୍ମୁଖରେ ଅତିଥିମାନେ ପତାକା ପ୍ରଦର୍ଶନ କରିବା ପରେ ଗଣଦୌଡ ଆରମ୍ଭ ହୋଇଥିଲା । ଏଥିରେ ସାମିଲ ହୋଇଥିବା ପ୍ରତିଯୋଗୀମାନେ ଚନ୍ଦ୍ରଭାଗାଠାରେ ପହଞ୍ଚିବା ପରେ ଗଣଦୌଡ ଶେଷ ହୋଇଥିଲା । ଏହି ଅବସରରେ ଗଣଦୌଡରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । କୋଣାର୍କ ଉତ୍ସବକୁ ଅଧିକ ଲୋକାଭିମୁଖୀ କରିବା ଏବଂ ପଲିଥିନ ମୁକ୍ତ ଓ ସବୁଜ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଗଣଦୌଡ଼ର ଆୟୋଜକ ତଥା ବସନ୍ତମଞ୍ଜରୀ ପାଠାଗାରର ସମ୍ପାଦକ ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରକାଶ କରିଛନ୍ତି।

# କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଚାକୁଣ୍ଡା ଗଛ କଟାନଯିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବହୁ ପୁରାତନ ଚାକୁଣ୍ଡା ଗଛକୁ କଟାନଯିବା ପାଇଁ ସ୍ଥାନୀୟ ଅଧିବାସୀ ଓ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। କେନ୍ଦ୍ରାପଡା ବ୍ଲକ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖ ଫାଟକ ପାଖରେ ଥିବା ଗୋଟିଏ ଚାକୁଣ୍ଡା ଗଛକୁ ଯାତାୟାତରେ ପ୍ରତିବନ୍ଧକ ଯୋଗୁଁ କାଟିଦେବାକୁ କେନ୍ଦ୍ରାପଡା ତହସିଲଦାରକୁ ଜଣାଇ ଦିଆଯାଇଥିଲା। ତହସିଲଦାର ସେହି ଚାକୁଣ୍ଡା ଗଛକୁ ଗତ ୧୬ତାରିଖରେ ୧୫ହଜାର ଟଙ୍କାରେ ନିଲାମ କରିଯିବ ବୋଲି ପୂର୍ବରୁ ସର୍ବସାଧାରଣଙ୍କୁ ନୋଟିସ ଦେଇଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ସେହିଦିନ ନିଲାମ ହୋଇପାରିନାହିଁ। ଦୀର୍ଘ ଏକଶହ ବର୍ଷରୁ ଉର୍ଦ୍ଧ୍ୱ ହେବ କେନ୍ଦ୍ରାପଡା ଗୋବରୀ କେନାଲ ବନ୍ଧ କଡରେ ତଥା କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏହି ଚାକୁଣ୍ଡା ଗଛ ଏବେବି ଜୀବନ୍ତ ଅବସ୍ଥାରେ ରହିଛି। ଏହି ଗଛର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ବେଳେ ଏହାକୁ କାଟି ଦିଆଗଲେ ପରିବେଶ ଉପରେ ତାହାର ପ୍ରଭାବ ପଡିବ ବୋଲି ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ଚାକୁଣ୍ଡା ଗଛକୁ କାଟି ଦିଆଗଲେ ସେହି ନିକଟରେ ଥିବା ଅବଶିଷ୍ଟ ୭/୮ଟି ଗଛକୁ ଲୋକମାନେ ଧିରେ ଧିରେ କାଟି ନେଇଯିବେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଏହାର ଗୁରୁତର ପ୍ରଭାବ ପରିବେଶ ଉପରେ ପଡିବା ସହ ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ଖରାଦିନେ ବୃକ୍ଷ ଛାୟା ଟିକେ ପାଇପାରିବେ ନାହିଁ। ତେଣୁ ଏହି ଚାକୁଣ୍ଡା ଗଛକୁ ନକାଟିବା ପାଇଁ ସମାଜସେବୀ ସନ୍ତୋଷ କୁମାର ବେହେରା, ସନ୍ତୋଷ ପୋଥାଳ, ରାଧାକାନ୍ତ ମହାନ୍ତି, ଶତ୍ରୁଘ୍ନ ସେନାପତି, ନଗେନ୍ଦ୍ର ଜେନା, ଗୋଲଖ ସେଠୀ, ହଳଧର କର, ସୁଶାନ୍ତ ବେହେରା, ହରେକୃଷ୍ଣ ବେହେରା, ଅମରେନ୍ଦ୍ର ସେନାପତି, ଗୋଲଖ ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଅସୀମ ବସୁ ଥିଲେ ଓଡ଼ିଶା ମଞ୍ଚ ଜଗତର ଉଜ୍ଜ୍ୱଳ ତାରକା

ଭୁବନେଶ୍ୱର (ପିଏନ୍): ଓଡ଼ିଆ ରଙ୍ଗମଞ୍ଚ, ନାଟକ, ଚିତ୍ରନାଟ୍ୟ ଓ ମଞ୍ଚସଜ୍ଜାରେ ସ୍ୱର୍ଗତଃ ଅସୀମ ବସୁ ଜଣେ ଉଜ୍ଜ୍ୱଳ ତାରକା ଥିଲେ। ତାଙ୍କ ସମଗ୍ର ଜୀବନ ସେ ଓଡ଼ିଆ ନାଟ୍ୟ ଆନ୍ଦୋଳନର ବିକାଶ ନିମିତ୍ତ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କୁ ବାଦ୍ ଦେଇ ଓଡ଼ିଶାର ନବ ନାଟ୍ୟ ଆନ୍ଦୋଳନ ଇତିହାସ ଅଧୁରା ରହିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ, ବିଭିନ୍ନ ନାଟ୍ୟ ସଙ୍ଗଠନର ମିଳିତ ଉଦ୍ୟମରେ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ତାଙ୍କ ୮୬ତମ ଜୟନ୍ତୀରେ ବକ୍ତାମାନେ ମତବ୍ୟକ୍ତ କରି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମହୌଷଧି ବାଗ, ବିଜୁ ଜନତାଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ରାଜ୍ୟ ଆବାହକ ପ୍ରବୀର ମହାନ୍ତି, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଉତ୍ତରପୁରୁଷ ନାଟ୍ୟସଂସ୍ଥାର ସତ୍ୟବ୍ରତ ରାଉତ, ହରେନ ସାହୁ, ପୂର୍ବତନ କର୍ପୋରେଟର ନରେନ ସାହୁ, ଉମାନାଥ ମିଶ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଦେବଦତ୍ତ ପତି, ଶିବ ସୁଆର, ଦେବଯାନୀ ଦାସ, ମୁକୁନ୍ଦ ଶତପଥୀ, ସ୍ୱର୍ଗତଃ ବସୁଙ୍କ ଆତ୍ମୀୟ ଗୌତମ ବସୁ, ବିଜୟ ମଣ୍ଡଳ, ରୁଚିକା ବସୁ, ଭାସ୍ୱତୀ ବସୁ, ନଗେନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ ଆନନ୍ଦୋଳନର ପ୍ରମୁଖ ବ୍ୟକ୍ତିତ୍ୱ ମୁକୁନ୍ଦ ଶତପଥୀଙ୍କୁ ଅସୀମ ବସୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭିକାରୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇବର୍ଷ ହେଲା ସରୁନାହିଁ ତିନି କିଲୋମିଟର ରାଜପଥ କାମ !



ଧର୍ମଶାଳା,୩୦/୧୧(ପିଏନ୍): ଧର୍ମଶାଳା ବ୍ଲକ ଅଞ୍ଚଳରେ ଦୁଇ ବର୍ଷ ହେଲା ୩କିମି ରାସ୍ତା କାମ ଶେଷହୋଇ ପାରୁନାହିଁ । ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରୁ ରଥିଆ ଛକ ପର୍ଯ୍ୟ' ଭାଙ୍ଗିରୁଜି ଯାଇଥିବା ୧୬ନମ୍ବର ଜାତୀୟ ରାଜପଥ ଏବେ ମୃତ୍ୟୁଯ'। ପାଲଟିଛି । ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ୨୦୧୯ ଅଗଷ୍ଟ ୧୬ତାରିଖରେ ଜାରକା ବଜାରରୁ ଶତାଧିକ ଉଠାଦୋକାନ ଉଛେଦ କରିବା ସହିତ ରାସ୍ତାପାର୍ଶ୍ୱରୁ ଜବର ଦଖଲ ହଟାଇଥିଲା । ଇତି ମଧ୍ୟରେ ୨ବର୍ଷରୁ ଅଧିକ ସମୟ ହେଲା ରାସ୍ତା କାମ ଆରମ୍ଭ ହୋଇଥିଲେ ମଧ୍ୟ ନା' ସରିପାରୁଛି ରାଜପଥ କାମ ନା' ଥଇଥାନ ହୋଇ ପାରୁଛି ଉଛେଦ ହୋଇଥିବା କ୍ଷତିଗ୍ରସ୍ତ ଉଠା ଦୋକାନୀ । ସେହିପରି ଜାରକା ବଜାରରେ ଦେଢବର୍ଷ ହେଲା ଫ୍ଲାଇ ଓଭରବ୍ରିଜ୍, ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ଓ ଅନ୍ୟଏକ ଗଳିପୋଲ ନିର୍ମାଣ ମନ୍ଥର ଗତିରେ ଚାଲିଛି । ଏଥିପାଇଁ ବଜାର ଦେଇ ଯାଇଥିବା ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି । ଖରା ହେଲେ ଲୋକେ ଧୂଳିଧୂଆଁରେ ଅତିଷ୍ଠ ହୋଇ ପଡୁଥିବା ବେଳେ ବର୍ଷା ହେଲେ ପଚପଚ ପାଣି କାଦୁଅରେ କଲବଲ ହେଉଛନ୍ତି । ଖାଲଢିପ ରାସ୍ତାକୁ ପାର ହେବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ରାସ୍ତା ନିର୍ମାଣ କରୁଥିବା ଡିବିଏଲ୍ ଠିକାସଂସ୍ଥା ଠାରୁ ଆରମ୍ଭ କରି ଶାସକ ଓ ପ୍ରଶାସକ ସମସ୍ତେ ଏ ସଂପର୍କରେ ଅବଗତ ଥିଲେ ମଧ୍ୟ କେହି ଏନେଇ ମୁହଁ ଖୋଲିବାକୁ ଉଚିତ୍ ମନେ କରୁନାହାଁନ୍ତି । ଫଳରେ ଠିକାସଂସ୍ଥା ନିଜ ଇଚ୍ଛାରେ କାମ କରୁଥିବା ବେଳେ ସାଧାରଣ ଲୋକ ମୁହଁ ଖୋଲିଲେ ନାଲି ଆଖି ଦେଖାଉଛି । ଏପରିକି ଜାରକା ବଜାରରେ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ ପାଇଁ ଆନ୍ଦୋଳନ କରିଥିବା କେତେକ ସ୍ଥାନୀୟ ନେତୃମଣ୍ଡଳୀଙ୍କ ନାଁରେ ମାମଲା ରୁଜୁ କରିବାକୁ ପଛାଇନଥିଲା। ଠିକାସଂସ୍ଥାର ଏଭଳି ମନମାନୀ ବିରୋଧରେ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସଂ'ୋଷ ପ୍ରକାଶ ପାଇଛି । ଠିକାସଂସ୍ଥାର ମନମାନୀ ବିରୋଧରେ ଗତ ସେପ୍ଟେମ୍ବର ୩ତାରିଖରେ ଜାରକା ପୁଲିସ୍ ବିଟ୍ ହାଉସ୍ ସାମ୍ନାରେ ପୁଣି ରାସ୍ତାରୋକ କରାଯାଇଥିଲା । ଦୀର୍ଘଦିନ ହେଲା ରାଜପଥ ସଂପ୍ରସାରଣ କାର୍ଯ୍ୟ ମନ୍ଥର ଗତିରେ ହେବା, ଜାରକାରେ ନିର୍ମାଣାଧୀନ ଫ୍ଲାଇଓଭର ବ୍ରିଜ୍‌ରେ କାର୍ଯ୍ୟ ବିଳମ୍ବ ଓ ନିମ୍ନମାନର କରାଯିବା, ଭାଙ୍ଗିରୁଜି ଯାଇଥିବା ରାସ୍ତାକୁ ମରାମତି ନକରିବା, ମନଇଛା ରାସ୍ତାକୁ ଖୋଳି ତାଡି ପକାଇ ଦେବା ଓ ଟ୍ରାଫିକ୍ ଜାମ୍ ଯୋଗୁ ଦୁର୍ଘଟଣା ବୃଦ୍ଧିପାଇବା ପ୍ରତିବାଦରେ ଆନ୍ଦୋଳନ କରାଯାଇଥିଲା । ପରେ ଜାରକା ବିଟ୍ ହାଉସ୍ ପରିସରରେ ଆନ୍ଦୋଳନକାରୀ, ଡିବିଏଲ୍ କର୍ତ୍ତୃପକ୍ଷ ଓ ପୁଲିସ୍ ମଧ୍ୟରେ ଆଲୋଚନା କରାଯାଇ କିପରି ରାଜପଥ ସଂପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେଥିନେଇ ଆଲୋଚନା କରାଯାଇଥିଲା । ଏବେ ଗାଡି ମୋଟର ଚଳାଚଳ କରୁଥିବା ଭଙ୍ଗା ରାସ୍ତାକୁ ମରାମତି କରାଯିବା ସହିତ ରାସ୍ତା, ଡ୍ରେନ୍ ଓ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଥିଲା । ହେଲେ ଇତି ମଧ୍ୟରେ ପ୍ରତିଶ୍ରୁତିକୁ ଅଢେଇ ମାସ ବିତି ଯାଇଥିଲେ ମଧ୍ୟ ସେଭଳି ଆଖିଦୃଶିଆ ଭାବେ କାମ ଆଗେଇ ପାରିନାହିଁ । ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ମୁଖ୍ୟ ରାସ୍ତା ବଦଳରେ ଏବେ ଆପ୍ରୋଚ୍ ରୋଡ୍‌ରେ ଗାଡିମୋଟର ଚଳପ୍ରଚଳ କରୁଛି । ପ୍ରତ୍ୟହ ଭାରୀଯାନ ଯାତାୟତ ଯୋଗୁ ଏହି ରାସ୍ତା ଭାଙ୍ଗିରୁଜି ଗଲାଣି । ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଛି । ଖାଲଢିପ ରାସ୍ତାରେ ଗାଡି ଚଳାଚଳ କରିବାରେ ବହୁ ଅସୁବିଧା ସୃଷ୍ଟି ହେଉଛି । ନିୟମାନୁସାରେ ବିକଳ୍ପ ରାସ୍ତା ନିର୍ମାଣ କରିବା ପରେ ସଂପ୍ରସାରଣ କାର୍ଯ୍ୟ ହେବା କଥା । ମାତ୍ର ଠିକାସଂସ୍ଥା ଏଠାରେ ବିକଳ୍ପ ବ୍ୟବସ୍ଥା ନକରି ରାଜପଥର ଉଭୟ ପାର୍ଶ୍ୱରେ ଥିବା ପୁରୁଣା ଆପ୍ରୋଚ୍ ରୋଡ୍‌ରେ ଗାଡି ଚଳାଚଳ କରାଇଦେଲା । ଫଳରେ ଭାରୀଯାନ ଯାତାୟତ କରିବାରୁ ଭଲ ରାସ୍ତା ଭାଙ୍ଗିରୁଜି ଗଲା । ଠିକାସଂସ୍ଥା ରାସ୍ତାକୁ ମରାମତି କରିବା ବଦଳରେ ଏଥିରେ ପଥର ଗୁଣ୍ଡ ଓ ଚିପ୍ସ ପକାଇ ଖାଲଖମା ପୋତି ଦେଉଛି । କିଛି ସମୟ ପରେ ପଥରଗୋଡି ସବୁ ରାସ୍ତାରେ ବିଛାଡି ହୋଇ ପଡୁଥିବା ବେଳେ ପ୍ରବଳ ଧୂଳି ଉଡୁଛି । ନିକଟରେ ଥିବା ଦୋକାନଗୁଡିକ ଧୂଳିରେ ପୋତି ହୋଇପଡୁଛି । ସେହିପରି ବର୍ଷା ହେଲେ ନର୍ଦ୍ଦମା ପାଣି ଓ କାଦୁଅରେ ଯାତାୟତ କରିବା ବହୁ ଅସୁବିଧା ହେଉଛି । ଅସଂଖ୍ୟ ଗାଡିମୋଟର ଚଳାଚଳ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ଅଣଚଉଡା ଆପ୍ରୋଚ୍ ରୋଡ୍ ଏବେ ବସଷ୍ଟାଣ୍ଡ୍ ପାଲଟିଛି । ଜାରକାଠାରେ ୮ଟି ବଜାର ରହିଥିବା ବେଳେ ବ୍ଲକ କାର୍ଯ୍ୟାଳୟ, ଜଳସେଚନ, ଉଠାଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଟ୍ରେଜେରୀ, କୃଷି, ବିଦ୍ୟୁତ କାର୍ଯ୍ୟାଳୟ, ୬ଟି ବ୍ୟାଙ୍କ୍ ସହିତ ବହୁ ସରକାରୀ ଏବଂ ବେସରକାରୀ ସ୍କୁଲ କଲେଜ୍ ରହିଛି । ଏଥିସହିତ ନିକଟରେ ଧର୍ମଶାଳା ଥାନା, ତହସିଲ କାର୍ଯ୍ୟାଳୟ, ଡାକ୍ତରଖାନା, ସବ୍‌ରେଜିଷ୍ଟ୍ରାର ଆଦି କାର୍ଯ୍ୟାଳୟ ରହିଥିବାରୁ ଏଥିପାଇଁ ବିଭିନ୍ନ ଅଞ୍ଚଳରୁ ଶହ ଶହ ବାହାର ଲୋକ ପ୍ରତିଦିନ ଜାରକାକୁ ଆସିଥା'ି । ଏହାବାଦ୍ ଧର୍ମଶାଳାବାସୀ ମଧ ଏହି ବିପଦପୂର୍ଣ୍ଣ ରାଜପଥ ଉପରେ ସର୍ବଦା ନିର୍ଭରଶୀଳ। ଜାରକାରୁ କଟକ, ଭୁବନେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର, ବାରିପଦା, କୋଲକତା ଆଦି ଗ'ବ୍ୟସ୍ଥଳକୁ ଯିବା ପାଇଁ ଲୋକମାନଙ୍କୁ ରାସ୍ତା ଉପରେ ଅପେକ୍ଷା କରିବାକୁ ପଡୁଛି। ଦୁଇ ଲାଇନ୍‌ରେ ଗାଡି ଚାଲିଥିବାରୁ ଅପେକ୍ଷାରତ ବସ୍‌ଯାତ୍ରୀମାନଙ୍କୁ ଠିଆ ହେବାପାଇଁ ଜାଗା ଟିକେ ମିଳୁନାହିଁ । ଯାତ୍ରୀ ନେବା ପାଇଁ ବସ୍‌ଟିଏ ରାସ୍ତା ଉପରେ କିଛି କ୍ଷଣ ଛିଡା ହୋଇଗଲେ ସାଙ୍ଗେ ସାଙ୍ଗେ ପଛକୁ ପଛ ଗାଡିମୋଟରର ଲମ୍ବା ଲାଇନ୍ ଲାଗି ଯାଉଛି। କେତେ ନେତା, ମନ୍ତ୍ରୀ, ଅଫିସର, ଭିଆଇପି ଏହି ରାସ୍ତାରେ ଦୈନନ୍ଦିନ ଯାତାୟତ କରୁଛନ୍ତି । କି'ୁ କିଛି ବି ପ୍ରଭାବ ପଡୁନି ରାଜପଥ କର୍ତ୍ତୁପକ୍ଷଙ୍କ ଉପରେ। ଦିନେ ଦିନେ ଏତେ ଜାମ ହେଉଛି ଯେ, ସେମାନଙ୍କ ଗାଡି ହେଉ ବା ଆମ୍ବୁଲାନ୍‌ସ ଆଗକୁ ଗଡିବା ଅସମ୍ଭବ ହୋଇ ପଡୁଛି। କିଛି କ୍ଷଣ ବିଳମ୍ବ ଘଟିଲେ କାହାର ଜୀବନ ଚାଲିଯିବାର ସମ୍ଭାବନା ରହିଛି। ଆପ୍ରୋଚ୍ ରୋଡ୍‌ଟି କମ୍ ଚଉଡା ହୋଇଥିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ହେଉଛି । ରାସ୍ତା ପାର ହେବାପାଇଁ ଲୋକେ ଡରୁଛନ୍ତି। ପାଦେ ପାଦେ ବିପଦ। ଟିକେ ଅସାବଧାନ ହେଲେ ଜୀବନ ଚାଲିଯିବାର ଭୟ। ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜପଥ ପାର ହେବା ବଡ ସମସ୍ୟା ସୃଷ୍ଟି କରିଛି । ବସଷ୍ଟାଣ୍ଡ୍‌ରେ ଠିକାସଂସ୍ଥାର ଦୁଇ ଜଣ କର୍ମଚାରୀ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିଲେ ମଧ ଡ୍ରାଇଭରଙ୍କ ବେପାରୁଆ ଗାଡି ଚାଳନା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି । ତେବେ ରାସ୍ତା କାମ କେବେ ସରିବ ଓ ଏମିତି ବିପଦରେ ଲୋକେ କେତେ ଦିନ ଯାତାୟତ କରିବେ ତାହାକୁ ନେଇ ଅଂଚଳବାସୀ ସନ୍ଦୀହାନ । ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଜନ ଜାଗରଣ ଯାତ୍ରାର ଶୁଭାରମ୍ଭ




ଭୁବନେଶ୍ୱର (ପିଏନ୍)- ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶ ଛୁଆଁ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ନିଖିଳ ଭାରତ କଂଗ୍ରେସ କମିଟି ନିଷ୍ପତିକ୍ରମେ ସାରା ଦେଶରେ କଂଗ୍ରେସ ଦଳପକ୍ଷରୁ ନଭେମ୍ବର ୧୪ରୁ ୨୯ ତାରିଖ ମଧ୍ୟରେ ସପ୍ତାହ ବ୍ୟାପୀ ଜନଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ କେନ୍ଦ୍ର ସରକାର ଓ ରାଜ୍ୟରେ ହେଉଥିବା ଆଇନ ଶୃଙ୍ଖଳା ଅବନତି, ଦରବୃଦ୍ଧି ଓ ନାରୀ ନିର୍ଯ୍ୟାତନା ବିରୋଧରେ ଜନସଚେତନତା ସୃଷ୍ଟି କରିବାପାଇଁ ଏଆଇସିସି ନିଷ୍ପତି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ସପ୍ତାହ ବ୍ୟାପୀ ଜନଜାଗରଣ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ପୂର୍ବାହ୍ନରେ ୯ନମ୍ବର ବ୍ଲକ ଅଧିନସ୍ଥ ଆଇଗିଣିଆ ଛକଠାରୁ ଏକ ପଦଯାତ୍ରା ବାହାରି ଯଦୁପୁର ପର୍ଯ୍ୟନ୍ତ ଯାଇ ଲୋକମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଅପାରଗତା ସଂପର୍କରେ ସଚେତନ କରାଇଥିଲେ। ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶିବାନନ୍ଦ ରାୟ, ଯାସିର ନୱାଜ, ରଶ୍ମି ମହାପାତ୍ର ପ୍ରମୁଖ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ସଂପର୍କରେ କଟୁ ସମାଲୋଚନା କରିଥିଲେ। ପରେ ଆଇଗିଣିଆ ଛକଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଖଣ୍ଡଗିରି ଛକଠାରୁ ଏମ୍ସ ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ଅଟେ। ଏହି ରାସ୍ତା ଉପରେ ପ୍ରତ୍ୟେହ ହଜାର ହଜାର ରୋଗୀ, ବ୍ୟବସାୟୀ ଏବଂ ଯଦୁପୁର, ଡୁମୁଡୁମା, ସରକନ୍ତରା, ରଣସିଂପୁର, ଘାଟିକିଆ, ବରମୁଣ୍ଡା, ଯାଗମରା, ଧର୍ମବିହାର ଇତ୍ୟାଦି ଅଂଚଳର ଲକ୍ଷ ଲକ୍ଷ ଲୋକ ଯାତାୟାତ କରନ୍ତି। ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ବହୁ ଦିନ ଧରି ଦାବି ହୋଇଆସୁଥିଲେ ମଧ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉଭୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଗୀତାଂଜଳି ମହାନ୍ତି, ମୋହନ ଜେନା, ଆଶିଷ ମଲ୍ଲିକ, ଜୟକୃଷ୍ଣ ସୁବୁଦ୍ଧି, ଅଶୋକ ଦାସ, ସେକ ଅପତାବ ଅଲ୍ଲୀ, ଇନ୍ଦ୍ରଜିତ ପରିଡ଼ା, ଦେବରାଜ ମିଶ୍ର, ମିହିର ଆଚାର୍ଯ୍ୟ, ସେକ ତାକୱିନ, ଶିବାନ ମୁସାରଫ, କୁସୁମ ପ୍ରଧାନ, ପ୍ରଭାବତି ପଟ୍ଟନାୟକ, ଏମଏ ପରୱିନ, ଶଙ୍କର ନାୟକ, ପ୍ରଶନ୍ନ କୁମାର ପରୋହିତ, ନଳିନି ମହାନ୍ତି, ଏମଡି ସାହାଦୁଲ୍ଲା, ସମିଉଲ ଜାକିର,ଜାକିର ଆଦ୍‌ମୀ, କୁଳମଣି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପଞ୍ଚୁପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ସ୍କାଉଟ୍ ଗାଇଡ୍ ପ୍ରତିଷ୍ଠା ଦିବସ ପାଳିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ପଞ୍ଚୁପଲ୍ଲୀର ସ୍କାଉଟ୍ ମାଷ୍ଟର ତଥା ଜିଲ୍ଲା ତାଲିମ୍ ସଚିବ ଦେବୀ ଦାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ମାନଙ୍କ ଦ୍ୱାରା ଭାରତ ସ୍କାଉଟ ଓ ଗାଇଡ୍‌ର ୭୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍‌ମାନେ ସଡକ ସୁରକ୍ଷା ଉପରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ଶୋଭାଯାତ୍ରାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଦେବଯାନୀ ବେହେରା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଲୋକମାନେ କିପରି ସର୍ବଦା ହେଲମେଟ୍ ବ୍ୟବହାର କରିବେ ଓ ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍‌ର ବ୍ୟବହାର ନକରିବେ ଏବଂ ସିଟ୍ ବେଲ୍ଟ ବ୍ୟବହାର କରିବେ, ନିଶାସେବନ ନକରି ଗାଡିଚାଳନା କରିବେ ଏହିଭଳି ଅନେକ କଥା ଲୋକମାନଙ୍କୁ ବୁଝାଇଥିଲେ । ଏଥିସହିତ ଟ୍ରାଫିକ୍ ସଙ୍କେତ ବିଷୟରେ ଲୋକମାନଙ୍କୁ ବୁଝାଇ ଥିଲେ । ବିଫ୍ଲେକ୍ଟ ମଧ ବଣ୍ଟନ କରିଥିଲେ । ଏହି ସଡକ ସୁରକ୍ଷା ଶୋଭାଯାତ୍ରା ସଙ୍ଗେ ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍କାଉଟ୍ ଗାଇଡ୍‌ମାନେ ଲୋକମାନଙ୍କୁ ଟୋକନ ଫ୍ଲାଗ ପିନ୍ଧାଇ ଭାରତ ସ୍କାଉଟ୍ ଏବଂ ଗାଇଡ୍ ସଂଗଠନର ସଦସ୍ୟ କରାଇଥିଲେ ଏବଂ ସେମାନେ ଅର୍ଥରାଶି ସାହାଯ୍ୟ କରିଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ

ହାଟଡିହି (ପିଏନ୍):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ କର୍ମୀମାନଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯେଉଁ କର୍ମୀମାନେ ବିଜୁ ଜନତା ଦଳ ପାଇଁ ସଙ୍କଟମୋଚନ ଥିଲେ ବର୍ତ୍ତମାନ ପାଇଁ ଅଲୋଡା । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଲାନି ଜଟିଳ ସ୍ଥିତି । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବିଜୁ ଜନତା ଦଳର ଛେନାପଦୀ କାର୍ଯ୍ୟାଳୟଠାରେ ଜୋନ୍ ସ୍ତରୀୟ ବୈଠକ ଚାଲିଥିବା ବେଳେ ପୁରୁଣା କର୍ମୀମାନଙ୍କୁ ଦେଖିବାକୁ ମିଳିନଥିଲା । ପୂର୍ବରୁ ଯେଉଁ କର୍ମୀମାନେ ବିଜୁ ଜନତାଦଳ ପାଇଁ ସଙ୍କଟମୋଚନ ଥିଲେ ବର୍ତ୍ତମାନ ସେହି କର୍ମୀ ଦଳ ପାଇଁ ଅଲୋଡା ହୋଇଯାଇଛନ୍ତି । ଜୋନ୍ ସ୍ତରୀୟ ବୈଠକରେ ଆନନ୍ଦପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଅନୁଭବ ପଟ୍ଟନାୟକ, ବିଧାୟକ ଭାଗୀରଥି ସେଠୀ ପ୍ରମୁଖ ଉପସ୍ଥିତ ଥିବାବେଳେ ପୁରୁଣା କର୍ମୀ ଓ ସଂଗଠକ ଉପସ୍ଥିତ ନଥିବା ଯୋଗୁଁ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବିଧାୟକ ଭାଗୀରଥି ସେଠୀଙ୍କ ପାଇଁ ପଂଚାୟତ ନିର୍ବାଚନ ସହଜ ନୁହେଁ ବୋଲି ଚର୍ଚ୍ଚା ହେଉଛି । ଦଳୀୟ ଅନ୍ତର୍ଦ୍ୱନ୍ଦ ଭାଗୀରଥିଙ୍କ ପାଇଁ ପଡିବ କି ମହଙ୍ଗା ! କିପରି ସନ୍ତୁଷ୍ଟ କରିବେ ଦଳୀୟ କର୍ମୀଙ୍କୁ ବିଧାୟକ ? ବିରୋଧୀଙ୍କ ଅପେକ୍ଷା ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ଭାଗୀରଥିଙ୍କ ପାଇଁ ପଡିପାରେ ମହଙ୍ଗା । ବେଳ ଥାଉ ଥାଉ ଘର ନ ସଜାଡିଲେ ଆଗକୁ ବିପଦ । ଏହି ବୈଠକରେ ପୂର୍ବତନ ବିଧାୟକ ମାୟାଧର ଯେନା ଓ ପୂର୍ବତନ ବିଜୁ ଜନତାଦଳ ଜିଲ୍ଲା ସଭାପତି ବିମ୍ବାଧର ବିଶ୍ୱାଳଙ୍କୁ ଦେଖିବାକୁ ନ ପାଇବାରୁ କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ନବାଗତଙ୍କୁ ସ୍ୱାଗତ




ବାରିପଦା : ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଉଦ୍ଭିଦ ବିଜ୍ଞାନ ବିଭାଗର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଛନ୍ତି । ଏହି ସ୍ୱାଗତ ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ଉପାଧକ୍ଷା ସଂଘମିତ୍ରା ରାଉତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଉଦ୍ଭିଦ ବିଜ୍ଞାନ ଅଧାପକ ଦେବୀଦତ୍ତ ରାଉତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ଅଧାପକ ଶିବଶଙ୍କର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ନିଜେ ନିଜର ପରିଚୟ ପ୍ରଦାନ କରିବା ସହିତ ସେମାନଙ୍କ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ । ତୃତୀୟ ବର୍ଷର ଛାତ୍ରୀ ବିରୁ ଟୁଡୁ, ନୁରାମଣି ସ୍ୱାଇଁ, ଯଶସ୍ୱୀ ମାରାଣ୍ଡି, ବନ୍ଦିତା ବେହେରା, ସୁପ୍ରଭା ମୁର୍ମୁ, କିର୍ତ୍ତିକୌଶିକ ନାୟକ, ଅନାମିକା ପରିଡା, ମୀନାକ୍ଷୀ ମହାନ୍ତ, ସସ୍ମିତା ହାଁସଦା, ଚିନ୍ମୟ ହେମ୍ବ୍ରମ, ଦେବବ୍ରତ ସ, ମଧୁସ୍ମିତା ଗିରି, ସନ୍ଦୀପ କୁମାର ନନ୍ଦ, ମହାବିଦ୍ୟାଳୟର ଛାତ୍ରୀଭାବେ ସେମାନଙ୍କର ଅଭିଜ୍ଞତା ଓ ଜୀବନର ଲକ୍ଷ୍ୟ ବିଷୟରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ଜଣାଇଥିଲେ । ଅଧାପିକା ଏଲିନା ପଣ୍ଡା, ଅଭିପ୍ସା ନାୟକ, ଅଙ୍କିତା ସାହୁ, ତୃପ୍ତୀ ଦାସ, ସବିତାରାଣୀ ଦାସ, ବିଜୟା ନାୟକ, ମୀରା ସେନାପତି, ସାଗରୀକା ପଣ୍ଡା, ସୁଜାତା ପାଲ, ବାଘାଇ ସରେନ ଓ ମଦନ ମୋହନ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଜୀବନର ଲକ୍ଷ୍ୟ ପୂରଣ କରିବା ନିମନ୍ତେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରୀ ସୋନାଲି ସାମଲ, ଅସୀମା ଆକାଂକ୍ଷା ସିଂ, ଭବନା ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ସାମୁଦ୍ରିକ ଝଡ ଜୱାଦ ଉଜାଡି ଦେଲା ଚାଷୀର ଆଶା ଭରଶା

କୋଣାର୍କ : ଦକ୍ଷଣ-ଉତ୍ତର ଓ ସଂଲଗ୍ନ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପନେଇ ସ୍ଥଳ ଭାଗକୁ ମାଡି ଆସୁଥିଲା । ଏହି ସାମୁଦ୍ରିକ ଝଡର ନାମ ରଖାଯାଇଥିଲା ‘ଜୱାଦ’ । ଏହି ସାମୁଦ୍ରିକ ଝଡ ସମୁଦ୍ର ଗର୍ଭରେ ବାରମ୍ବର ଦିଗ ବଦଳାଉଥବାରୁ ପାଣିପାଗ ବିଭାଗର ପକ୍ଷରୁ ସଠିକ ପୂର୍ବାନୁମାନ କରିବା ସମ୍ଭବପର ହୋଇ ନଥିଲା । ଏହି ସାମୁଦ୍ରିକ ଝଡ ଜୱାଦ ସ୍ଥଳଭାଗ ଛୁଇଁବା ପୂର୍ବରୁ ସମୁଦ୍ର ଗର୍ଭଭରରେ ଦୁର୍ବଳ ହୋଇ ଶିଥିଳ ହୋଇ ଯାଇଥିଲା । ହେଲେ ଏହାର ପ୍ରଭାବରେ ୩ତାରିଖ ଅପରାହ୍ନରୁ ୫ତାରିଖ ମଧ୍ୟାହ୍ନ ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗିରହିବାରୁ ପାଞ୍ଚ ଦିନିଆ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା । ଲାଗାଣ ବର୍ଷା ଯୋଗୁଁ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ଓ କୋଣାର୍କ ଏନଏସିର ୧୩ଟି ୱାର୍ଡ ଓ ନିକଟସ୍ଥ ପଞ୍ଚାୟତରେ ବର୍ଷା ଜଳ ଜମିରହିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପାଡିଥିଲା । ଏତଦବ୍ୟତିତ ଖାଲୁଆ ଅଞ୍ଚଳମାନଙ୍କରେ ବର୍ଷା ଜଳ ଜମରହିବାରୁ କୁତ୍ରିମ ହ୍ରଦର ପରିସ୍ଥିତି ସୃଷ୍ଟି କରିଛି । କୋଣାର୍କ ଏନଏସିର ବିଭିନ୍ନ ୱାଡରେ ବସବାସ କରୁଥିବା ଥିବା ଖାଲୁଆ ଅଞ୍ଚଳର ଲୋକଙ୍କ ଘରେ ପାଣି ପସିଯାଇଛି । ଚାଳଛପର ଘର, କଚା ଘର, ମାଟି କାନ୍ଥ ଘର ଓ ବଡ ବଡ ବୃକ୍ଷମାନ ଉପୁଡି ପଡିଛି । ଲୋକଙ୍କ ଘରେ ପାଣି ପସିଯାଇଥିବାରୁ ସେମାନେ ରାତିତମା ଶୋଇ ପାରି ନାହାଁନ୍ତି । ଅନେକ ଲୋକଙ୍କ ଚାଳ ଛପର ଓ ମାଟି କାନ୍ଥ ଘର ଭୁଷୁଡି ଯାଇଥିବାରୁ ସେମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ କୌଣସି ସହାୟତା ଯୋଗାଇ ଦିଆଯାଇ ନାହିଁ । ଲଗାଣ ବର୍ଷା ପ୍ରଭାବରେ କୋଣାର୍କ ଏନଏସିର ୧୩ ୱାର୍ଡ ଓ ଗୋପ, କାକଟପୁର ଓ ଅସ୍ତାରଙ୍ଗ ବ୍ଲକର ଚାଷିଭାଇମାନଙ୍କର ହଜାର ହଜାର ହେକ୍ଟର ଚାଷ ଜମିରେ ବର୍ଷାଜଳ ଲହଡି ମାରୁଛି ।

## ଚିକିତ୍ସା ଅଭାବରୁ ତିନି ବର୍ଷ ହେଲା ଖଟରେ ଶୋଇ ରହିଛନ୍ତି ରୁଆବତୀ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ବୁଡୁରିକିଆ ପଂଚାୟତ ମାଦିନାଟ ପସାରୀ ସାହିରେ ରୁଆବତୀ ମଲ୍ଲିକ (୪୫)ଖଟରେ ପଡି ରହି କଷ୍ଟ ପାଉଛନ୍ତି ପ୍ରତି ମାସରେ ସ୍ତ୍ରୀ ରୋଗ ଜନିତ ସମସ୍ୟା ଦେଖାଯାଉଛି ବୋଲି କହିଛନ୍ତି । ଏନେଇ ତାଙ୍କର ଦେହ ଶୁଖି ଶୁଖି ଯାଉଛି,ସ୍ୱାମୀ ଏବଂ ତିନୋଟି ପୁଅ ଗୋଟିଏ ଝିଅ ସହ ରୁହନ୍ତି । ସ୍ୱାମୀ ଦିନ ମଜୁରିଆ ଭାବେ କାମ କରି ଘର ଚଳାଉଛନ୍ତି । ପିଲାମାନଙ୍କ ପାଠ ପଢ଼ାରେ ଏବଂ ଘର ଖର୍ଚ୍ଚ କରି ବଳକା ହେଲେ କିଛି ଔଷଧ କିଣିବାକୁ ଅସମର୍ଥ ଅଟନ୍ତି । ସବୁ ମାସରେ ଔଷଧ କିଣିବାକୁ ଅର୍ଥ ଯୋଗାଡ ହୋଇପାରେ ନାହିଁ । ରୁଆବତୀଙ୍କ ସ୍ୱାମୀ ନାଜିରା ମଲ୍ଲିକ କହିବା ଅନୁଯାୟୀ ସେ ପ୍ରଥମେ ତାଙ୍କ ସ୍ତ୍ରୀଙ୍କୁ ଧରି ବାଲିଗୁଡା ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପରାମର୍ଶ ଦେଇଥିଲେ । ସେଠାରେ ମଧ୍ୟ ସେହି ସମସ୍ୟା ମୁଖ୍ୟ ଡାକ୍ତରଖାନର ଡାକ୍ତର ବ୍ରହ୍ମପୁର ନେବାକୁ କହିଥିଲେ । ନାଜିରାଙ୍କ ପାଖରେ ବ୍ରହ୍ମପୁର ନେବାପାଇଁ ଆର୍ଥିକ ସମ୍ବଳ ନଥିବାରୁ ସେହିଦିନଠାରୁ ରୁଆବତୀ ଖଟରେ ଜୀବନ ବିତାଉଛନ୍ତି । ତାଙ୍କ ଦୁଃଖରେ ସ୍ୱାମୀ ମଧ ଭାଙ୍ଗି ପଡିଛନ୍ତି । ସେ କହିଛନ୍ତି ସରକାର ଏତେ ଯୋଜନା କରିଛନ୍ତି ଅଥଚ ଆମ ଭଳିଆ ଗରିବ ଆଦିବାସୀଙ୍କ ନିକଟକୁ କାହିଁକି ପହଂଚିପାରୁ ନାହିଁ । ନେତା ରାଜନେତା ସମସ୍ତେ ଆସନ୍ତି ଭୋଟ ନେବାକୁ ହେଲେ ଆମ ଗୁହାରୀ କେହି ଶୁଣୁ ନାହାନ୍ତି । ତେଣୁ ସରକାରଙ୍କ ତରଫରୁ ଜଦି କିଛି ସହାୟତା ମିଳିପାରନ୍ତା ମୋ ସ୍ତ୍ରୀ ନିଶ୍ଚୟ ଭଲ ହୋଇପାରନ୍ତା ବୋଲି କହିଛନ୍ତି ଗରିବ ଆଦିବାସୀ ନାଜିରା ।

## ମହାନ୍ ବିପ୍ଳବୀ-ବାଘା ଯତୀନ୍

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ । ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ । ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ରଞ୍ଜିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ । ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୁଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରହିବା ବିଧେୟ । ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା । ତାଙ୍କ ମା’ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ ।ପିଲାଟି ଦିନରୁ ବାପାଙ୍କୁ ହରାଇ ମା’ଙ୍କ ଯତ୍ନରେ ସେ ବଢ଼ିଥିଲେ । ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ । ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ । ସେୟା ହେଲା କୁକୁରଟି ପଳାଇଗଲା । ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ । ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା । ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ । ସାଙ୍ଗମାନେ ଯତୀନ୍‌ଙ୍କ ମା’କୁ ଡାକିଲେ । ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ । ଯତୀନ୍ ମା’ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ । ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ । ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା । ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ । ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ । ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା । ଦିନକର ଘଟଣା । ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି । ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ । ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା । ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା । ଲଢ଼େଇରେ ବାଘଟି ମରିଗଲା । ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ । ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ । ସେ ମା’ଙ୍କଠାରୁ ସାହାସିକତା ଓ ବିପଦବେଳେ ଧୈର୍ଯ୍ୟ ଧରିବା ଶିକ୍ଷା କରିଥିଲେ । ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା’ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା । ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି । ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ । ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍କା ମାରିଦେଲେ । ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ । ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ । ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ । ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା । ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ । ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ । ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା । ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ । ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ । ସେମାନଙ୍କ ପରାମର୍ଶ ଅନୁଯାୟୀ ସେ ‘ଯୁଗାନ୍ତର’ ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ । ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା । ଇଂରେଜ ସରକାରଙ୍କୁ ଦେଶରୁ ତଡିବା । ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ । ଆଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ । ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା । ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ । କିଛି ଦିନପରେ ଯତୀନ୍ ଜେଲରୁ ମୁକ୍ତି ଲାଭକଲେ ।ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ । ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ । ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ । ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା । ତେଣୁ ଯତୀନ୍ ପଞ୍ଜାବ ପଳାଇଲେ । ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ । ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଅସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ । ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା । ଦେଶଭକ୍ତମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ ‘ହରି ଏଣ୍ଡସନ୍’ ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ ‘ୟୁନିଭର୍ସାଲ୍ ଏମ୍ପୋରିୟମ୍’ ନାମକ ଅନୁଷ୍ଠାନ ସ୍ଥାପନ କରାଗଲା । ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା । ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ । ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ । ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା । ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ । ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ । ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି । ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି । ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ । ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ । ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ । ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ । କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ । ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ । ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ । ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍ନଛତ୍ର ହୋଇଗଲେ । ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ । ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ । ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସେ ପାଣି ପାଣି ବୋଲି ଚିତ୍କାର କଲେ । ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ । ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ । ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ । ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ । ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ।


ଅକ୍ଷୟ କୁମାର ରାଉତ

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ.- ୯୯୩୭୬୯୧୪୭୫

## କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ୍‌୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

## ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି । ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି । ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, ‘ଏ’ ରୁ ଲେଭେଲ ୫, ‘ବି’ କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି । ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି । ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ । କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ । ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା । କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି । ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି । ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ, ବିଇଓ,ଏବିଇଓ, ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ । ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ । ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

## ଟ୍ରେଲର ପଛରେ ପିଟିହେଲା ଟ୍ରକ୍, ଡ୍ରାଇଭର ଆହତ

ଧର୍ମଶାଳା,(ପିଏନ): ଧର୍ମଶାଳା ଥାନା ଅ'ର୍ଗତ ପାଖର ଛକ ନିକଟ ୫ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଟ୍ରେଲର ପଛରେ ଆଜି ସଂଧ୍ୟାରେ ଏକ ଟ୍ରକ୍ ପିଟି ହୋଇଯାଇଥିଲା । ଏଥିରେ ଟ୍ରକ୍ ଡ୍ରାଇଭର ଆହତ ହୋଇଥିଲେ । ଆହତ ଡ୍ରାଇଭରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ପ୍ରକାଶ ଯେ, ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଟ୍ରକ୍(ଓଡିଶ୦୫ଏକ୍ସ-୭୨୯୩) ଭାରାମ୍ୟ ହରାଇ ପାଖର ଛକ ନିକଟରେ ପୂର୍ବରୁ ଠିଆ ହୋଇଥିବା ଟ୍ରେଲର(ଓଡି୦୪ଜେ-୭୩୨୪) ପଛରେ ପିଟି ହୋଇଯାଇଥିଲା । ଏଥିରେ ଟ୍ରକ୍ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବା ବେଳେ ଡ୍ରାଇଭର ଆହତ ହୋଇଥିଲେ । ଖବରପାଇ ପୁଲିସ୍ ଘଟଣାସ୍ଥଳରେ ପହଁଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୬ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ






## ଅଦିନିଆ ବର୍ଷାରେ ବ୍ୟାପକ ଫସଲ ହାନୀ : ଚାଷୀଙ୍କୁ କ୍ଷତି ପୂରଣ ପାଇଁ ଦାବୀ

ଚଣ୍ଡିଖୋଲ , (ପି.ଏନ୍)-ଓଡ଼ିଶାରେ ଜୱାଦ ବାତ୍ୟା ଯୋଗୁଁ ଲଗାରତ ବର୍ଷା ହେବା ଫଳରେ ବଡ଼ଚଣା ବ୍ଲକ୍ ର ୪୩ଟି ପଂଚାୟତରେ ସଂପୂର୍ଣ୍ଣ ରୂପେ ଧାନ ଓ ପନି ପରିବା ଚାଷ କ୍ଷତି ଘଟିଛି । ବିଶେଷ କରି ବର୍ତ୍ତମାନ ଚାଷଜମିରେ ଧାନ ଫସଲ ଅମଳ ଅପେକ୍ଷାରେ ଚାଷୀମାନେ ଥିବା ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷା ଓ ପବନ ଦ୍ଵାରା ପାଚିଲା ଧାନ ସଂପୂର୍ଣ୍ଣ ଭାବେ ତଳେ ପଡ଼ିଯାଇଥିବା ବେଳେ ତା ଉପରେ ପାଣି ମାଡ଼ି ଯାଇଛି । ଫଳରେ ଧାନ ଗଛ ଗୁଡ଼ିକ କଟାନଯାଇ ପାରି ଚାଷ ଜମିରେ ଗଜା ହୋଇ ଯିବ । ସେହିଭଳି ଅର୍ଥକାରୀ ଫସଲ ବିରି ଓ ପନି ପରିବା ଚାଷରେ ମଧ ବ୍ୟାପକ ଭାବେ କ୍ଷତି ହୋଇଛି । ଅନ୍ୟ ପକ୍ଷେ ବଡ଼ଚଣାରେ ଚିନା ବାଦାମ ପାଇଁ ପ୍ରସିଦ୍ଧ ହୋଇଥିବା ସମୟରେ ଚାଷଜମିରେ କ୍ୱିଂଟାଲକୁ ୬ ହଜାର ଟଙ୍କାରେ ବିହନ କିଣି ଚାଷ କରିଥିବା ଜମିରେ ଆଜି ସବୁ ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି ଲଗାଣ ବର୍ଷାରେ ଚାଷୀଟିଏ ଦୀର୍ଘଦିନ ଧରି କଠୋର ପରିଶ୍ରମ କରିବା ସହ ବ୍ୟାଙ୍କ, ସେବା ସମବାୟ ସମିତି ଓ ଧାର ସୁତ୍ରରେ ଅର୍ଥ ଆଣି ଚାଷ କରିଥିଲା । କିନ୍ତୁ ବର୍ତ୍ତମାନ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବା ଦ୍ଵାରା ଋଣ ସୁଝିବାକୁ ଚାଷୀ ଆଜି ମୁଣ୍ଡରେ ହାତ ଦେଇ ବସିଛି । ଚାଷୀ ଓ ଭାଗ ଚାଷୀଙ୍କର ଋଣରୁ କିଭଳି ଭାବେ ମୁକ୍ତି ପାଇବେ ସେ ନେଇ ସରକାରଙ୍କ ପକ୍ଷରୁ କ୍ଷୟ କ୍ଷତିର ଆକଳନ କରି ଚାଷୀମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ସରକାର ଯୋଗାଇବା ପାଇଁ ବଡ଼ଚଣାର କଂଗ୍ରେସ ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ଦୃଢ଼ ଦାବୀ କରିଛନ୍ତି ।

## ବାବା ସାହେବ ଡ଼ଃ ଭୀମରାଓ ଆମ୍ବେଦକରଙ୍କ ମହା ପରିନିର୍ବାଣ ଦିବସ ପାଳନ

କେନ୍ଦୁଝର, (ପି.ଏନ): ଭାରତରତ୍ନ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୬୫ତମ ତିରୋଧାନ ଦିବସ କେନ୍ଦୁଝରର ବିଭିନ୍ନ ସଂଗଠନ ପକ୍ଷରୁ ପାଳନ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଅବସ୍ଥିତ ବାବା ସାହେବ ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଳୀ ଅର୍ପଣ କରାଯାଇଥିଲା ।

## ବିଦ୍ୟାଳୟ ରୂପାନ୍ତରଣ ସମ୍ପର୍କରେ ଆଲୋଚ଼ନାଚ଼କ୍ର

ଖୋର୍ଦ୍ଧା, ୬/୧୨(ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ ପୌରୋହିତ୍ୟରେ ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚ଼ନା ଚ଼କ୍ର ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ବ଼ିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସାବିତ୍ରୀ ପଟ୍ଟନାୟକ,ଆଲୁମିନ ସଭାପତି ଶିବନାରାୟଣ ମିଶ୍ର, ପରିଚ଼ାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀ,ଆଲୁମିନ ସମ୍ପାଦକ ଉପେନ୍ଦ୍ର କୁମାର ଦାଶ,ବରିଷ୍ଠ ଶିକ୍ଷକ ବିଜୟ କୁମାର ମହାପାତ୍ର,ଶିକ୍ଷକ ନାରାୟଣ ମାନସିଂହ,କୈଳାସ ନାଥ ସୁବୁଦ୍ଧି,ଆଲୁମିନ ସଭ୍ୟ ସୁଧାଂଶୁ ଶେଖର ମିଶ୍ର,ଲକ୍ଷ୍ମୀଧର ପଣ୍ଡାଏବଂ କମିଟିର ଅନ୍ୟାନ୍ୟ ସଭ୍ୟ,ସଭ୍ୟା ମାନେ ଉପସ୍ଥିତ ରହି ମାନ୍ୟବର ଓଡିଶା ସରକାରଙ୍କ ୫ଟି ସଚ଼ିବଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ରୂପାନ୍ତରଣ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚ଼ନା କରାଯାଇଥିଲା । ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀ ମହୋଦୟ କାମନା କରିଥିଲେ ।

## ସରକାରଙ୍କ ଆନ୍ତରିକାତ ନାହିଁ ବିଧାନସଭା ଗୃହ ଚଳାଇବାକୁ : କଂଗ୍ରେସ

ଭୁବନେଶ୍ବର,୬/୧୨(ପି.ଏନ): ଚଳିତ ରାଜ୍ୟ ବିଧାନସଭା ବୈଠକ ପ୍ରାରମ୍ଭ ଦିନ ଠାରୁ ଆଜି ପର୍ଯ୍ୟନ୍ତ କୌଣସି ଦିନ ଗୃହ କାର୍ଯ୍ୟ ଚାଲିପାରି ନାହିଁ ବୋଲି ଅଭିଯୋଗ କରି କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀଯୁକ୍ତ ନରସିଂହ ମିଶ୍ର ପିସିସି ସଭାପତି ଶ୍ରୀ ନିରଜ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ପ୍ରକାଶ କରି ବର୍ଷିଛନ୍ତି । ଗୃହ ଅଚଳ ହେବାର ମୁଖ୍ୟ କାରଣ ହେଲା ସରକାରୀ ଦଳ । ସରକାର ଜାଣିସୁଣି ପବିତ୍ର ଗୃହରେ ଆଲୋଚନା ପାଇଁ ଗୃହରେ କୌଣସି ସରକାରୀ ବିଜିନେସ ରଖିନାହାନ୍ତି । କଂଗ୍ରେସ ଦଳ ପ୍ରଥମ ଦିନରୁ ସେଥିପାଇଁ ମମିତା ଅପହରଣ ଓ ହତ୍ୟା ଘଟଣାରେ ପ୍ରସ୍ତାବ ଓ ମୁଲତବି ପ୍ରସ୍ତାବ ଆକାରରେ ଆଲୋଚନା ପାଇଁ ଦିଆଯାଇଥିଲା । କିନ୍ତୁ ସରକାର ଆଲୋଚନାକୁ କରାଇ ଦେଉନାହାଁନ୍ତି । ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କଲାପରେ ବି ସେ କହିବାକୁ ଆମକୁ ସୁଯୋଗ ଦେଲେ ନାହିଁ । ଆମେ ମୁଲତବୀ ପ୍ରସ୍ତାବ ଦେଇଛୁ ହେଲେ ସରକାର ମମିତା ପ୍ରସଙ୍ଗକୁ ନେଇ ଏତେ ଭୟଭିତ ଯେ ଆମ କଥା ଶୁଣୁନାହାନ୍ତି ବା ଆଲୋଚନାକୁ ଆସୁନାହାନ୍ତି । ପୂର୍ବରୁ ଗୃହ ବାହାରେ ବିରୋଧି ଦଳର ସବୁ ପ୍ରଶ୍ନର ଉତର ବିଧାନ ସଭାରେ ବିଜେଡ଼ି ସରକାର ଦଳ ଦେବେ ବାହାସ୍ଫୋଟ ମାରୁଥିବା ବେଳେ ଗୃହ ଭିତରେ ପଛଘୁଂଚା କାହିଁକି ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମିଶ୍ର । ସେ କହିଛନ୍ତି ଗହ ଚଳାଇବା ପାଇଁ ବିରୋଧି ଦଳର ନେତାମାନଙ୍କ ସହ ଆଲୋଚନା କରିବା ଗୃହର ନେତାଙ୍କ କର୍ତବ୍ୟ ହେଲେ ସେ ପରମ୍ପରା ଭଙ୍ଗ ହୋଇଛି । କିନ୍ତୁ ମମିତା ମେହେର ପ୍ରସଙ୍ଗରେ ସରକାର କାହିଁକି ଡରୁଛନ୍ତି ତାହାର ଉତର କଂଗ୍ରେସ ଚାହୁଁଛି । ମୁଖ୍ୟ ମନ୍ତ୍ରୀ ବିଧାନସଭା ନଆସି ଘରୁ ଭିଡ଼ିଓବାର୍ତା ଦେଇ ବିରୋଧ ଦଳ ଗୃହ ଚଳାଇ ଦେଉନାହାନ୍ତି ବୋଲି କହୁଛନ୍ତି । ଆମେ କିନ୍ତୁ ସ୍ପଷ୍ଟ କରୁଛୁ ଓଡ଼ିଶା ବର୍ତମାନ ଯେଉଁଥିଲାଗି ଜଳୁଛି ତାହା ଉପରେ ଆଲୋଚନା କରିବାକୁ ରାଜି ଅଛୁ । କିନ୍ତୁ ତାହା ନକରି ବିରୋଧି ଦଳ ରାଜନୀତି କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଲେଖା ପଢ଼ାଗଲା ନା ରେକର୍ଡ ଷ୍ଟେଟମେଂଟ ଥିଲା ତାହା ଜଣାପଡୁ ନଥିଲେ ମଧ ୧୯୯୯ ମସିହାରେ ଯେଉଁ ଅନା ଘଟଣା ଘଟିଥିଲା ବର୍ତମାନ ମୁଖ୍ୟମନ୍ତ୍ରୀ ସେତେବଳେ କେନ୍ଦ୍ରମନ୍ତ୍ରୀ ଥିବା ବେଳେ କଟକ ଯାଇଁ ଥାନାରେ ଯାଇଁ ନିଜର ଦଳୀୟ ସମର୍ଥକଙ୍କ ସହ ଏତଲା ଦେଇଥିଲେ । ସେତେବେଳେ ସେ ଭୁଲିଯାଇଥିଲେ ସେ ଭାରତ ସରକାରଙ୍କ ମନ୍ତ୍ରୀ ? ସାଧାରଣତଃ କୌଣସି ମନ୍ତ୍ରୀ ଏତଲା ଦେବାପାଇଁ ଥାନାକୁ ଯାଆନ୍ତି ନାହିଁ ବୋଲି କଟାକ୍ଷ କରିଥିଲେ ଶ୍ରୀଯୁକ୍ତ ମିଶ୍ର । ଆଜି କାହିଁକି ଏ ବିରୋଧୀ ରାଜନୀତି କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ ପଚାରିବା କେତେଦୁର ସମୀଚିନ । ମୁଖ୍ୟମନ୍ତ୍ରୀ ସ୍ମାର୍ଟକାର୍ଡ଼ ବାଂଟିବାକୁ ବିଭିନ୍ନ ଜିଲ୍ଲାକୁ ଯାଇପାରୁଛନ୍ତି ଏବଂ କଳିଙ୍ଗ ଷ୍ଟାଡିୟମ ଯାଇ ଜୁନିଅର ହକି ଟୁର୍ଣ୍ଣାମେଂଟରେ ପୁରସ୍କାର କରୁଛନ୍ତି ହେଲେ ବିଧାନ ସଭା ଆସୁନାହାନ୍ତି କାହିଁକି ? ଯଦି କରୋନାକୁ ଭୟ କରୁଥାନ୍ତି ତାହାହେଲେ ମୁଖ୍ୟମନ୍ତ୍ରୀଙ୍କ ଜୀବନ ଯେତିକି ମୂଲ୍ୟବାନ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ସମପରିମାଣରେ ସମ୍ମାନ ଦେବା ଉଚିତ । ଏଥିରୁ ଜଣାପଡୁଛି ମୁଖ୍ୟମନ୍ତ୍ରୀ ଦଳୀୟ ରାଜନୀତି କରୁଛନ୍ତି । ବିଜେଡ଼ି ଦୁର୍ନୀତିଗ୍ରସ୍ତ ଓ ହତ୍ୟାକାରୀଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଅତୀତରେ ସେତେବେଳର ଲୋକପାଳ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କୁ ନୋଟିସ ପଠାଇବାର ବନ୍ଦୋବସ୍ତ କରୁଥିଲେ । ସେ ସମୟରେ ଲୋକପାଳଙ୍କ ସମ୍ମାନ ଜଣାଇ ନୋଟିସ ପାଇଥିଲେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥାନ୍ତେ ବୋଲି ଆଶଙ୍କା ଭିତରେ ଥିଲେ । କିନ୍ତୁ ବର୍ତମାନର ରାଜସ୍ଵ ମନ୍ତ୍ରୀ ଲୋକଯୁକ୍ତଙ୍କ ନୋଟିସ ପାଇସାରିଲା ପରେ ମଧ ମନ୍ତ୍ରୀ ପଦରେ ଅଧିଷ୍ଠିତ ଅଛନ୍ତି । ଏବେ ସୁଦ୍ଧା ଇସ୍ତଫା ଦେଇନାହାଁନ୍ତି ରାଜସ୍ଵମନ୍ତ୍ରୀ । ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୋଲିସ ଆଇଆଇସିଙ୍କୁ କୋକର୍ଟଙ୍କ ନିର୍ଦ୍ଦେଶ ପରେ ବି ପୋଲିସ ବେଖାତିର କରୁଛି ସେଥିନେଇ ମଧ ମୁଖ୍ୟମନ୍ତ୍ରୀ ଚୁପ । ମମିତା ହତ୍ୟାକାଣ୍ଡ ଘଟଣାରେ ୩୦୨,୨୦୧, ୧୨୦ବି ରେ ପୋଲିସ କେସ କରିଛି ହେଲେ କନସ୍ପେରିସି ଉପରେ ଅନୁସନ୍ଧାନ କରୁନାହିଁ । ମହାଲିଙ୍ଗ କଲେଜରେ ଯେଉଁ କେଳୋଙ୍କାରି ଚାଲିଥିଲା କିଏ ସହଯୋଗ କରୁଥିଲା । ମନ୍ତ୍ରୀଙ୍କ ସଂପର୍କୀୟ ଓ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଭିତରେ ବାର୍ତାଳାପ ସ୍ପଷ୍ଟ ପ୍ରମାଣିତ କରୁଛି ରାଜ୍ୟ ଗୃହ ମନ୍ତ୍ରୀଙ୍କ ସଂପୃକ୍ତି ରହିଛି ବୋଲି । ମହାଲିଙ୍ଗ ସନସାଇନ କଲେଜକୁ ଆସିଲେ ଯୁବକତ୍ୱ ଫେରି ଆସୁଛି ବୋଲି କହୁଛନ୍ତି ଗୃହରାଷ୍ଟ୍ର ମନ୍ତ୍ରୀ କହୁଛନ୍ତି । ସାଧାରଣତଃ ସ୍କୁଲ କେଲଜକୁ ମନ୍ତ୍ରୀମାନେ ଯାଇଥାନ୍ତି କିନ୍ତୁ କୌଣସି ମନ୍ତ୍ରୀ ଏଭଳି ମହିଳା ମାନଙ୍କ ଉପସ୍ଥିତିରେ ଏଭଳି ଟିପ୍ପଣୀ ଦେବା କୌଣସି ନଜିର ଅଛିକି ? ଅପହରଣ ଓ କେମିତି ଅପହରଣ ହେଲା ଏବଂ ତାର ପ୍ରଚ୍ଛଦ ପଟରେ କେଉଁମାନେ ସଂପୃକ୍ତ ସେ ସମ୍ବନ୍ଧରେ ଅନୁସନ୍ଧାନ ନକରି କେବଳ ହତ୍ୟା ମାମଲା ରୁଜୁ କରି ଚୁପ ବସିଛି ପୋଲିସ । ଏହି ସାମ୍ବାଦିକ ସମ୍ମିଳନୀରେ ମମିତା ସାହୁଙ୍କ ବଡ଼ବାପା ଓ ଗୋବିନ୍ଦ ସାହୁଙ୍କ ଭିତରେ ବାର୍ତାଳାପ ସହ ଅନ୍ୟକିଛି ବ୍ୟକ୍ତିଙ୍କ ବାର୍ତାଳାପର ରେକର୍ଡିଂ ସାମ୍ବାଦିକ ମାନଙ୍କୁ ଶୁଣାଇଥିଲେ ଶ୍ରୀଯୁକ୍ତ ମିଶ୍ର । ମମିତା ହତ୍ୟାକାଣ୍ଡ ପରେ ମୁଖ୍ୟମନ୍ତ୍ରୀ ଶୋଇଥିଲେ, ଗୃହରାଷ୍ଟ୍ରମନ୍ତ୍ରୀ ଲୁଚିଥିଲେ । ମମିତା ହତ୍ୟା କାଣ୍ଡର ସମସ୍ତ ପ୍ରମାଣ ନଷ୍ଟ କରିବାପରେ ଉଭୟ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ରମନ୍ତ୍ରୀ ସାମନାକୁ ଆସି ଏବେ ବାହାସ୍ଫୋଟ ମାରୁଛନ୍ତି । ନିରପେକ୍ଷ ତଦନ୍ତ ନହେଲେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଖଲାସ ହୋଇଯିବ । ସେଥିପାଇଁ କଂଗ୍ରେସ ଦଳ ପ୍ରଥମରୁ ଦାବି କରିଛି ମୁଖ୍ୟମନ୍ତ୍ରୀ ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ବହିଷ୍କାର କରନ୍ତୁ ଓ ମମତାକୁ ନ୍ୟାୟ ଦେବାରେ ସହଯୋଗ କରିବାପାଇଁ ମାନ୍ୟବର ହାଇକୋର୍ଟର ତତ୍ଵାବଧାନରେ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ଵାରା ଏସଆଇଟି ତଦନ୍ତ କରାନ୍ତୁ । ଏସଆଇଟି ତଦନ୍ତ କିପରି ହୁଏ ଉତର ପ୍ରଦେଶର ଲଖୀମପୁର ଖେରୀ କେସରେ ଯେଉଁଭଳି ମାନ୍ୟବର ସୁପ୍ରିମକୋର୍ଟ ତଦନ୍ତ କରୁଛନ୍ତି ତାହାକୁ ମୁଖ୍ୟମନ୍ତ୍ରୀ ଅନୁସରଣ କରନ୍ତୁ । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା, ମହମ୍ମଦ ମୋକିମ, ଅଧିରାଜ ମୋହନ ପାଣିଗ୍ରାହୀ, ଡ. ସିଏସ ରାଜନ ଏକା ପ୍ରମୁଖ ଉପସ୍ଥିତି ଥିଲେ ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଅଭିଯୋଗ : ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ କବ୍ଜାରେ ଶିକ୍ଷକ ଭବନ




ଭୁବନେଶ୍ବର, (ପି.ଏନ): ଖାରବେଳ ନଗରସ୍ଥିତ ଶିକ୍ଷକ ଭବନକୁ ବ୍ୟବସାୟୀକରଣ କରାଗଲାଣି । ଦୂରଦୂରାନ୍ତରୁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ରହଣୀ ପାଇଁ ନିର୍ମାଣ ହୋଇଥିବା ଏହି ଭବନରେ ଏବେ ଦୋକାନ ଘର ନିର୍ମାଣ କରାଯାଉଛି । ଯାହାକୁ ଭଡାରେ ଲଗାଇ ପ୍ରଚୁର ଅର୍ଥ ଉପାର୍ଜନ କରିବାକୁ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଯୋଜନା ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ଜଣେ ଏବିଇଓଙ୍କୁ ଶିକ୍ଷକ ଭବନ ଦାୟିତ୍ୱ ଦିଆଯାଇଛି । ଏବିଇଓ ଜଣକ ତାଙ୍କ ପରିବାରକୁ ଧରି ସେଠାରେ ରହୁଛନ୍ତି । ଯେଉଁଥିପାଇଁ ଦୁଇବର୍ଷ ହେଲା ଜଣେ ବି ହେଲେ ଶିକ୍ଷକ ସେଠାରେ ରହିପାରି ନାହାଁନ୍ତି ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆଜି ଭୁବନେଶ୍ଵରସ୍ଥ ହୋଟେଲ୍ ଉତ୍କଳ ଇନ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ସଂଘର ସାଧାରଣ ସମ୍ପାଦକ କାହ୍ନୁଚରଣ ମହାନ୍ତି କହିଛନ୍ତି ଯେ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜଣକ ଜଣେ ରାଜନେତାଙ୍କ ଛତ୍ରଛାୟା ତଳେ ରହିଛନ୍ତି । ତେଣୁ ତାଙ୍କ ପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ । ଶିକ୍ଷକମାନଙ୍କୁ ଧମକଚମକ ଦିଆଯାଉଛି । ଯେଉଁଥିପାଇଁ ମୟୁରଭଞ୍ଜ, ରାୟଗଡା, କୋରାପୁଟ, ଫୁଲବାଣୀ ଏବଂ ସନ୍ଦରଗଡ ସମେତ ଓଡିଶାର କୋଣ ଅନୁକୋଣରୁ ଶିକ୍ଷା ସମ୍ବନ୍ଧୀୟ କାମ ପାଇଁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରହିବାକୁ ସୁଯୋଗ ମିଳୁନାହିଁ । ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ଙଟଣାରେ ହସ୍ତକ୍ଷେପ କରି ଶିକ୍ଷକମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ । ଏଥିପାଇଁ ଶିକ୍ଷକମାନଙ୍କୁ ନିୟମିତ ନିଯୁକ୍ତି, ସପ୍ତମ ବେତନ ହାର ସଂଶୋଧନ, ଶିକ୍ଷକମାନଙ୍କୁ ପୁରୁଣା ପେନସନ୍ ଦେବାକୁ ସଂଘର ସଭାପତି ତ୍ରିଲୋଚନ ନାୟକ, ଉପଦେଷ୍ଟା ଦଶରଥ ମହାନ୍ତି, ମହାସଚିବ କମଳାକାନ୍ତ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି ।

## ଚଣ୍ଡିଖୋଲ କୋର୍ଟର ୧୫ତମ ପ୍ରତିଷ୍ଠା ଦିବସ




ଚଣ୍ଡିଖୋଲ,(ପି.ଏନ୍) : ଆଜି ଅପରାହ୍ନରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍ ଆନୁକୂଲ୍ୟରେ ଚଣ୍ଡିଖୋଲ କୋର୍ଟର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବାର ଆସୋସିଏସନର ସଭାପତି ଆଇନଜୀବୀ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ନ୍ୟାୟଧିଶ ଶ୍ରୀଯୁକ୍ତ ଶତୃଘ୍ନ ପୂଜାହାରୀ ଯୋଗଦେଇ ଓଡ଼ିଶା ଏକ ବୀର ଜାତି ଏହାର ଐତିହ୍ୟ, ପରମ୍ପରା ବିଶ୍ଵଜନ ବିଦିତ । ଓଡ଼ିଆ ଜାତି ବଡ଼ ସ୍ଵାଭିମାନୀ ଏହାର ଇତିହାସ ସୁଦୁର ପ୍ରସାରୀ । ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିତ କରି ଓଡ଼ିଶାକୁ ଏକତ୍ରିତ କରିଥିବା ଜନ ନାୟକ କୂଳବୃଦ୍ଧ ମଧୁସୂଦନ ଦାସଙ୍କ ତ୍ୟାଗ ଓ କର୍ତବ୍ୟ ପରାୟଣତା ଯୋଗୁଁ ଆଜି ଆମେ ଗର୍ବ ଅନୁଭବ କରୁଅଛୁ । ମାତ୍ର ଆଧୁନିକତାର ଚାକଚକ୍ୟ ଓ ପାଶ୍ଚ୍ୟତ ଶିକ୍ଷା ଓ ସଂସ୍କୃତି ପ୍ରଭାବରେ ଆଜିର ଯୁବପିଢ଼ୀ ଗାନ୍ଧୀବାଦକୁ ଭୁଲି ଅଗାନ୍ଧୀ ଭାବ ପ୍ରଦର୍ଶନ କରୁଛନ୍ତି । ଆଇନଜୀବୀମାନେ ପ୍ରତିହିଂସା ପରାୟଣ ନହୋଇ ସମସ୍ତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦୌରା ଜଜ୍ ନ୍ୟାୟମୂର୍ତି ଶ୍ରୀକାନ୍ତ ମିଶ୍ର ଯୋଗଦେଇ ଆଇନଜୀବୀମାନେ ସତ୍ୟନିଷ୍ଠ, ନିର୍ଭିକ ଓ ସର୍ବୋପରି ନିରପେକ୍ଷ ଆଇନସେବା ଯୋଗାଇଦେବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ କୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଉତ୍ସବରେ ଆଇନଜୀବୀ କିଶୋର ଚନ୍ଦ୍ର ନାୟକ ସ୍ଵାଗତ ଭାଷଣ ଓ ବରିଷ୍ଠ ଆଇନଜୀବୀ ରେଣୁବାଳା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଂପାଦକ ପ୍ରକାଶ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିନିୟର୍ ସିଭିଲ୍ ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର, ଜେ.ଏମ.ଏଫ.ସି. ସୌମ୍ୟ ରଂଜନ ପୃଷ୍ଟି ଓ ସୁଶ୍ରୀ ତସଲିମା ଦାସ, ରେଜିଷ୍ଟାର ପ୍ରଦିମୟୀ ସୁଜାତା ଯୋଗ ଦେଇଥିଲେ । ଏହି ଅବସରରେ ଚଣ୍ଡିଖୋଲ କୋର୍ଟ ପ୍ରତିଷ୍ଠା ଦିଗରେ ବିଶେଷ ଅବଦାନ ପାଇଁ ଆଇନଜୀବୀ ପ୍ରଫୁଲ ପଣ୍ଡା, ଶରତ ଚନ୍ଦ୍ର ବଳ, ସୁଶ୍ରୀ ରେଣୁବାଳା ମହାନ୍ତି ସମେତ ୧୦ ଜଣ ଆଇନଜୀବୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଆଇନଜୀବୀ ଶ୍ରୀକାନ୍ତ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଷ୍ଠା ଦିବସ ୩ ଦିନ ଚାଲିବାକୁ ଥିବା ସମୟରେ ଆସନ୍ତାକାଲି ଦ୍ଵିତୀୟ ଦିବସରେ ଗାନ୍ଧୀ କଥା 'ବାରିଷ୍ଟର ଗାନ୍ଧୀ' ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray